# ଭାଗ-୨

## ଅଧ୍ୟାୟ-୬

## ପାଠର ନାମ–ଓଡ଼ିଆ ରୂପତତ୍ତ୍ୱ

ଗଠନକ୍ରମ


୬.୦ ଉଦ୍ଦେଶ୍ୟ

୬.୧ ଉପକ୍ରମଣିକା

ମୂଳପାଠ

୬.୨ ମୂଳପାଠ (ଖଣ୍ଡ-୧)

୬.୨.୧ ଅନୁଶୀଳନୀ

୬.୩ ମୂଳପାଠ (ଖଣ୍ଡ-୨)

୬.୩.୧ ଅନୁଶୀଳନୀ

୬.୪ ମୂଳପାଠ (ଖଣ୍ଡ-୩)

୬.୪.୧ ଅନୁଶୀଳନୀ

୬.୫ ସାରାଂଶ

୬.୬ ଶବ୍ଦାର୍ଥ

୬.୭ ପଠନ ଅଭ୍ୟାସ

୬.୮ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀର ଉତ୍ତର

୬.୯ ଉତ୍ତର ପ୍ରଦାନ ପାଇଁ ପ୍ରଶ୍ନାବଳୀ


## ୬.୦ ଉଦ୍ଦେଶ୍ୟ

ସାଧାରଣ ମଣିଷ ନିଜର ଭାବପ୍ରକାଶର ଆବଶ୍ୟକତା ଦୃଷ୍ଟିରୁ ଭାଷାକୁ ଏପରି ଏକ ଅତି ସହଜ ଓ ସାଧାରଣ ମାଧ୍ୟମ ଭାବରେ ବ୍ୟବହାର କରେ ଯେ ସେଇ ଭାଷା ବିଷୟରେ ସ୍ୱତନ୍ତ୍ର ଭାବରେ ସେ କିଛି ଚିନ୍ତା କରେ ନାହିଁ । କିନ୍ତୁ ଯେଉଁମାନେ ଭାଷାକୁ ଏକ ବିଷୟ ବସ୍ତୁ ଭାବରେ ଗ୍ରହଣ କରି ଦୂରଦୃଷ୍ଟି ଦିଅନ୍ତି ସେମାନେ ଭାଷାର ଅନ୍ତର୍ନିହିତ ରୂପକୁ ଦେଖିପାରନ୍ତି । ଭାଷାର ଯେ ଏକ ନିୟମିତ ଗଠନ ପଦ୍ଧତି ଅଛି, ତାହା ସେମାନେ ଲକ୍ଷ୍ୟ କରିପାରନ୍ତି । ଭାଷାର ଏହି ନିୟମିତ ଗଠନ ପଦ୍ଧତି ନଥିଲେ ତାହାକୁ ବ୍ୟବହାର କରିବା ସମ୍ଭବପର ହେଉ ନଥାନ୍ତା, କାରଣ ପ୍ରତ୍ୟେକ ଲୋକ ନିଜ ଇଚ୍ଛା ଅନୁସାରେ ଭାବପ୍ରକାଶ କରିବା ପାଇଁ ଯେଉଁ କଥାଗୁଡ଼ିକ କହୁଥାନ୍ତା ଅନ୍ୟ ଲୋକ ପକ୍ଷରେ ସେଇ କଥାକୁ ବୁଝିବା ପାଇଁ ପ୍ରତ୍ୟେକ ଥର କଷ୍ଟ କରିବାକୁ ପଡୁଥାନ୍ତା । ଭାଷାର ଗୋଟିଏ ନିର୍ଦ୍ଦିଷ୍ଟ ପ୍ରକାଶ ପଦ୍ଧତି ତଥା ଗଠନ ପଦ୍ଧତି ଥିବାରୁ ତାହା ମାଧ୍ୟମରେ ଭାବ ପ୍ରକାଶ କରିବା ସହଜ ହୁଏ । ଭାଷାର ଏହି ଗଠନ ପଦ୍ଧତି ବିଷୟରେ ଶିକ୍ଷାର୍ଥୀମାନଙ୍କୁ ଅବଗତ କରାଇବା ଏହି ପ୍ରବନ୍ଧର ମୁଖ୍ୟ ଉଦ୍ଦେଶ୍ୟ ।

ଓଡ଼ିଆ ଭାଷାରେ ପ୍ରଚଳିତ ବ୍ୟାକରଣରେ ମୁଖ୍ୟତଃ ସଂସ୍କୃତ ଭାଷାର ଗଠନ ପଦ୍ଧତିକୁ ଅନୁସରଣ କରି ଓଡ଼ିଆ ଭାଷାର ଗଠନ ପଦ୍ଧତିର ଆଲୋଚନାମାନ କରାଯାଇଛି । କିନ୍ତୁ ଆଲୋଚ୍ୟ ପ୍ରବନ୍ଧରେ ଆଧୁନିକ ଭାଷାବିଜ୍ଞାନର ଭାଷା-ବିଶ୍ଳେଷଣ ପଦ୍ଧତି ଅନୁସରଣ କରି ଭାଷାର ବିଜ୍ଞାନ ସମ୍ମତ ଗଠନ ରୂପକୁ ଆଲୋଚନା କରିବା ସଙ୍ଗେ ସଙ୍ଗେ ଭାଷା ଗଠନର କେତେକ ଶୃଙ୍ଖଳିତ ନିୟମାବଳୀ ସହିତ ଶିକ୍ଷାର୍ଥୀମାନଙ୍କୁ ପରିଚିତ କରାଇବା ଲାଗି ପ୍ରଚେଷ୍ଟା କରାଯାଇଛି । ଓଡ଼ିଆ ଧ୍ୱନିତତ୍ତ୍ୱ, ରୂପତତ୍ତ୍ୱ ଓ ବାକ୍ୟ-ବିନ୍ୟାସ ଭିତରେ ଥିବା ପାର୍ଥକ୍ୟ ଓ ସମ୍ପର୍କ ବିଷୟରେ ଧାରଣା ଦେଇ ଓଡ଼ିଆ ଭାଷାର ଶବ୍ଦ ସମୂହର ଗଠନ ପଦ୍ଧତି ଉପରେ ଆଲୋକପାତ କରିବା ମଧ୍ୟ ଏହି ଆଲୋଚନାର ଉଦ୍ଦେଶ୍ୟ । ଶିକ୍ଷାର୍ଥୀମାନେ ଏହି ପ୍ରବନ୍ଧର ବିଷୟବସ୍ତୁ ସହିତ ନିଜକୁ ପରିଚିତ କରାଇ ଓଡ଼ିଆ ଭାଷାର ସ୍ୱରୂପ ତଥା ଶବ୍ଦ-ଗଠନ-ପଦ୍ଧତି ବିଷୟରେ ନିଜର ଜ୍ଞାନ ବୃଦ୍ଧି କରିପାରିବେ । ଶିକ୍ଷାର୍ଥୀମାନେ ନିଜର ବୋଧଶକ୍ତି ଦ୍ୱାରା କେତେ ପରିମାଣରେ ଭାଷାର ସୂକ୍ଷ୍ମ ଗଠନ ପଦ୍ଧତିର ଆଲୋଚନାକୁ ବିଷୟବସ୍ତୁ ଭାବରେ ଆହରଣ କରିପାରୁଛନ୍ତି ସେ ବିଷୟ ନିଜେ ଜାଣି ପାରିବା ପାଇଁ ବିଭିନ୍ନ ବିଷୟ ବସ୍ତୁଗତ ଓ ବ୍ୟାକରଣଗତ ପ୍ରଶ୍ନାବଳୀ ପ୍ରବନ୍ଧରେ ଦିଆଯାଇଛି । ଶିକ୍ଷାର୍ଥୀମାନଙ୍କର ପଠନ ଓ ଲିଖନ ଦକ୍ଷତା ବୃଦ୍ଧି ପାଇଁ ମଧ୍ୟ ଏ ପ୍ରବନ୍ଧରେ ବିନ୍ୟାସ

ଧ୍ୟାନ ଦିଆଯାଇଛି । ଏହା ସେମାନଙ୍କର ଭାଷା ବିଷୟକ ଜ୍ଞାନ କରାଇବା ସଙ୍ଗେ ସଙ୍ଗେ 'ଭାଷା' ଯେ ଆଲୋଚନା ଓ ଗବେଷଣା ପାଇଁ ଏକ ବିଷୟବସ୍ତୁ ହୋଇପାରେ ସେ ବିଷୟରେ ସେମାନଙ୍କୁ ସଚେତନ କରାଇବ ।

## ୨.୧ ଉପକ୍ରମଣିକା

ଭାଷା ଏକ ଜଟିଳ ପଦ୍ଧତି ଏବଂ ପ୍ରତ୍ୟେକ ଭାଷାର ନିର୍ଦ୍ଦିଷ୍ଟ ଗଠନ ପଦ୍ଧତି ଅଛି । କଥା କହିଲାବେଳେ ଆମେ ଏଇ ପଦ୍ଧତି ବିଷୟରେ ସଚେତନ ହେଉନାହିଁ କିନ୍ତୁ ଏହାକୁ ମାଧ୍ୟମ କରି ନିଜର ଭାବ ପ୍ରକାଶ କରିଥାଉ । ଭାବ ପ୍ରକାଶର ମାଧ୍ୟମ ଭାବରେ ପ୍ରତ୍ୟେକ ଭାଷାର ସ୍ୱତନ୍ତ୍ର ଗଠନ ପଦ୍ଧତି ଥାଏ ବୋଲି ଗୋଟିଏ ଭାଷାର ଲୋକ ନିଜ ଭାଷା ଛଡ଼ା ଅନ୍ୟ ଭାଷାର ଗଠନ ପଦ୍ଧତିକୁ ପ୍ରୟୋଗ କରି ଜାଣୁନଥିବାରୁ ସେ ଭାଷାର କଥା ବୁଝିପାରନ୍ତି ନାହିଁ ବା ସେ ଭାଷାକୁ ପ୍ରୟୋଗ କରି ବା କହି ପାରନ୍ତି ନାହିଁ । ପ୍ରତ୍ୟେକ ଭାଷାର ସ୍ୱତନ୍ତ୍ର ଗଠନ ପଦ୍ଧତି ଥିଲେ ମଧ୍ୟ ସବୁ ଭାଷାର କେତେକ ସାଧାରଣ ପଦ୍ଧତି ବା ଗଠନ ରୂପ ଥିବାର ଅନୁମାନ କରାଯାଏ । ଭାଷା ଗଠନର ଅନୁଶୀଳନ ତଥା ଆଲୋଚନା ପାଇଁ ମଧ୍ୟ ଭାଷାର ଏହି ସାଧାରଣ ପଦ୍ଧତି ସାହାଯ୍ୟ କରେ ।

ଭାଷାର ଏହି ସାଧାରଣ ଗଠନ ରୂପ ଅନୁସାରେ ପ୍ରତ୍ୟେକ ଭାଷାର ଗଠନକୁ ମୁଖ୍ୟତଃ ଚାରିଟି ବିଭାଗରେ ଆଲୋଚନା କରାଯାଏ । ଭାଷା ଆଲୋଚନାର ଏହି ଚାରୋଟି ବିଭାଗ ହେଉଛି, ଧ୍ୱନିତତ୍ତ୍ୱ, ରୂପତତ୍ତ୍ୱ, ବାକ୍ୟତତ୍ତ୍ୱ ଓ ଅର୍ଥତତ୍ତ୍ୱ । ଭାଷା ପ୍ରୟୋଗର ତାରତମ୍ୟ ଅନୁସାରେ ଏହି ବିଭାଗଗୁଡ଼ିକର ଆଲୋଚନାରେ ମଧ୍ୟ ତାରତମ୍ୟ ପରିଲକ୍ଷିତ ହୁଏ । ଅର୍ଥାତ କେଉଁ ଭାଷାର ଧ୍ୱନି ରୂପ ଉନ୍ନତ ତ କେଉଁ ଭାଷାର ଶବ୍ଦ ଗଠନ ରୂପ ଉନ୍ନତ ହୋଇଥିବା ଲକ୍ଷ୍ୟ କରାଯାଇଥାଏ । ଭାଷା ଆଲୋଚନାର ଯେଉଁ ବିଭାଗରେ ଭାଷାର ବିଭିନ୍ନ ଧ୍ୱନି, ଯେପରି ଓଡ଼ିଆରେ ଅ, ଇ, କ୍, ଗ୍, ପ୍ ଇତ୍ୟାଦି ବିଭିନ୍ନ ଧ୍ୱନି ପ୍ରୟୋଗର ବିଚାର କରାଯାଏ ସେହି ବିଭାଗକୁ ଧ୍ୱନିତତ୍ତ୍ୱ କୁହାଯାଏ । ଯେଉଁ ବିଭାଗରେ ଧ୍ୱନି ସମଷ୍ଟିରୁ ଗଠିତ ଶବ୍ଦ ବା ଶବ୍ଦର ଗଠନ ରୂପର, ଯେପରି ଓଡ଼ିଆରେ 'ଘର', ଘ୍+ଅ+ର୍+ଅ=ଘର, ଶବ୍ଦର ବିଚାର କରାଯାଏ ତାହାକୁ ରୂପତତ୍ତ୍ୱ ଏବଂ ଯେଉଁ ବିଭାଗରେ ଶବ୍ଦ ସମଷ୍ଟିରୁ ଗଠିତ ବାକ୍ୟର ଗଠନ ପଦ୍ଧତିକୁ ବିଚାର କରାଯାଏ ତାହାକୁ ବାକ୍ୟତତ୍ତ୍ୱ ଓ ଯେଉଁ ବିଭାଗରେ ବାକ୍ୟରେ ପ୍ରକାଶ ପାଉଥିବା ଅର୍ଥକୁ ଆଲୋଚନା କରାଯାଏ ତାହାକୁ ଅର୍ଥତତ୍ତ୍ୱ କୁହାଯାଏ ।

ଆଲୋଚ୍ୟ ପ୍ରବନ୍ଧରେ ଓଡ଼ିଆ ଭାଷାରେ ବ୍ୟବହୃତ ଶବ୍ଦ ସମୂହର ଗଠନ ପଦ୍ଧତିକୁ ବିଭାଗୀକରଣ କରାଯାଇ ଆଧୁନିକ ଭାଷା ବିଜ୍ଞାନର ଅନୁଶୀଳନ ପଦ୍ଧତି ଅନୁସରଣ କରି ଆଲୋଚନା କରାଯାଇଛି । ଏହା ଓଡ଼ିଆ ଶବ୍ଦର ଗଠନ ରୂପ ଉପରେ ଆଲୋକପାତ କରିବା ସଙ୍ଗେ ସଙ୍ଗେ ଓଡ଼ିଆ ଭାଷାର ଗଠନ ପଦ୍ଧତିର ସ୍ୱରୂପକୁ ମଧ୍ୟ ପ୍ରକାଶ କରିବାରେ ସହାୟକ ହେବ ।

ଏ ବିଷୟରେ ଅଧିକ ଜ୍ଞାନ ହାସଲ ପାଇଁ ନିମ୍ନଲିଖିତ ପୁସ୍ତକଗୁଡ଼ିକର ସାହାଯ୍ୟ ନିଆଯାଇ ପାରେ ।

୧. ଆଧୁନିକ ଭାଷାବିଜ୍ଞାନ ପ୍ରବେଶ—ଶ୍ରୀ ବକୁଳ ଚନ୍ଦ୍ର ଚୌଧୁରୀ
ପୂର୍ବାଞ୍ଚଳ ଭାଷାକେନ୍ଦ୍ର, ଭୁବନେଶ୍ୱର ଓ
ଡକ୍ଟର ଅପର୍ଣ୍ଣା ପ୍ରଧାନ
ଅଧ୍ୟକ୍ଷ, ପୂର୍ବାଞ୍ଚଳ ଭାଷାକେନ୍ଦ୍ର, ଭୁବନେଶ୍ୱର

୨. ମାଧ୍ୟମିକ ଓଡ଼ିଆ ବ୍ୟାକରଣ—ପ୍ରକାଶକ : ମାଧ୍ୟମିକ ଶିକ୍ଷା ବୋର୍ଡ, ଓଡ଼ିଶା

୩. ଓଡ଼ିଆ ଭାଷାର ରୂପତତ୍ତ୍ୱ—ଡକ୍ଟର ବେଣୀମାଧବ ପାଢ଼ୀ

୪. ଭାଷାବିଜ୍ଞାନର ରୂପରେଖ—ଡକ୍ଟର ବାସୁଦେବ ସାହୁ

## ୨.୨ ମୂଳପାଠ (ଖଣ୍ଡ-୧)

ମଣିଷ କହୁଥିବା କଥା ହିଁ ଭାଷା । ଏହି ଭାଷା ସାହାଯ୍ୟରେ ମଣିଷ ନିଜର ମନର ଭାବ ପ୍ରକାଶ କରିବାକୁ ସମର୍ଥ ହୁଏ । ପୃଥିବୀର ବିଭିନ୍ନ ଅଞ୍ଚଳରେ ବାସ କରୁଥିବା ଲୋକେ ବିଭିନ୍ନ ଭାଷା ବ୍ୟବହାର କରନ୍ତି । ତେଣୁ ପୃଥିବୀରେ ବହୁ ବିଭିନ୍ନ ଭାଷାର ପ୍ରଚଳନ ରହିଛି । ପୃଥିବୀରେ ପ୍ରଚଳିତ ପ୍ରତ୍ୟେକ

ଭାଷାର ଏକ ନିଜସ୍ୱ ଶୃଙ୍ଖଳା ଓ ବୈଶିଷ୍ଟ୍ୟ ରହିଛି । ପ୍ରତ୍ୟେକ ଭାଷାର ଏକ ନିୟମିତ ଗଠନ ବା ରୂପ ରହିଛି । ଏହି ରୂପ ମାଧ୍ୟମରେ ସେଇ ଭାଷାଟି ପ୍ରକାଶ ପାଏ । ଭାଷାତତ୍ତ୍ୱ ଆଲୋଚନାରେ ଭାଷାର ଏଇ ଗଠନର ବା ରୂପର ସୂକ୍ଷ୍ମ ବିଶ୍ଳେଷଣ କରାଯାଇଥାଏ । କୌଣସି ଭାଷାର ଆଲୋଚନାରେ ସେଇ ଭାଷାର ଧ୍ୱନି ଆଲୋଚନା ଓ ବ୍ୟାକରଣ ଆଲୋଚନା ଦୁଇଟି ମୁଖ୍ୟ ଅଂଶ । ଭାଷାର ରୂପ ବା ଗଠନର ବର୍ଣ୍ଣନା ହିଁ ବ୍ୟାକରଣର ବିଷୟବସ୍ତୁ । ଏକ ବିଜ୍ଞାନ ସମ୍ମତ ପ୍ରଣାଳୀରେ ଭାଷାର ଧ୍ୱନି ଓ ବ୍ୟାକରଣର ଅନୁଶୀଳନ କରାଯାଏ ବୋଲି ଏ ପ୍ରକାର ଭାଷା ଆଲୋଚନାକୁ ଭାଷା ବିଜ୍ଞାନ ମଧ୍ୟ କୁହାଯାଏ । ଭାଷା ବିଜ୍ଞାନର ପରିସର ଭିତରେ ଭାଷାର ଧ୍ୱନି, ଶବ୍ଦ, ବାକ୍ୟ ଓ ବାକ୍ୟରେ ପ୍ରକାଶ ପାଉଥିବା ଅର୍ଥକୁ ଅନ୍ତର୍ଭୁକ୍ତ କରି ଆଲୋଚନା କରାଯାଏ ।

ଭାଷା ବିଜ୍ଞାନ ଅନୁସାରେ ଭାଷା ସୃଷ୍ଟିର ମୂଳ ହେଉଛି ଧ୍ୱନି । ଧ୍ୱନିର ସମଷ୍ଟିରୁ ଅର୍ଥପୂର୍ଣ୍ଣ ଶବ୍ଦର ସୃଷ୍ଟି ଓ ଅର୍ଥପୂର୍ଣ୍ଣ ଶବ୍ଦର ସମଷ୍ଟିରୁ ଏକ ପୂର୍ଣ୍ଣଭାବ ପ୍ରକାଶ କରୁଥିବା ବାକ୍ୟର ସୃଷ୍ଟି । ଭାଷାରେ ବିଭିନ୍ନ ପ୍ରକାରର ଧ୍ୱନିର ପ୍ରୟୋଗ ଅଛି କିନ୍ତୁ ପ୍ରତ୍ୟେକ ଧ୍ୱନିର ନିଜସ୍ୱ କୌଣସି ଅର୍ଥ ନାହିଁ, ଏଗୁଡ଼ିକ ଅର୍ଥଶୂନ୍ୟ । କିନ୍ତୁ କୌଣସି ଏକ ଧ୍ୱନି ଅନ୍ୟ ଏକ ଧ୍ୱନି ବା ଏକାଧିକ ଧ୍ୱନିର ସଂଯୋଗରେ ଏକ ଅର୍ଥ ପ୍ରକାଶ କଲେ ତାହା ଶବ୍ଦରେ ପରିଣତ ହୁଏ । ଏକ ବା ଏକାଧିକ ଅର୍ଥପୂର୍ଣ୍ଣ ଶବ୍ଦର ସଂଯୋଗରେ ଏବଂ ସେଇ ଶବ୍ଦଗୁଡ଼ିକର ପାରସ୍ପରିକ ସମ୍ପର୍କ ମାଧ୍ୟମରେ ଏକ ମନୋଭାବ ପ୍ରକାଶ ପାଇଲେ, ସେଇ ମନୋଭାବ ପ୍ରକାଶ କରୁଥିବା ଶବ୍ଦ ସଂଯୋଗକୁ ବାକ୍ୟ କୁହାଯାଏ । ଅର୍ଥାତ ଆଧୁନିକ ଭାଷା ବିଜ୍ଞାନ ଅନୁସାରେ ମୁଖରୁ ନିର୍ଗତ ହେଉଥିବା ପ୍ରତ୍ୟେକ ସ୍ପଷ୍ଟ ଓ ଅସ୍ପଷ୍ଟ ଧ୍ୱନିର ଆଲୋଚନାକୁ ଧ୍ୱନିତତ୍ତ୍ୱ; ଧ୍ୱନିର ସମଷ୍ଟିରୁ ଅର୍ଥପୂର୍ଣ୍ଣ ଶବ୍ଦ ସୃଷ୍ଟି ହେବା ପରେ ସେଇ ଅର୍ଥପୂର୍ଣ୍ଣ ଶବ୍ଦାବଳୀର ଗଠନ ପଦ୍ଧତି ଆଲୋଚନାକୁ ରୂପତତ୍ତ୍ୱ; ଏବଂ ଶବ୍ଦ ସଂଯୋଗ ଓ ଶବ୍ଦ ସମ୍ପର୍କ ଜରିଆରେ ଏକ ମନୋଭାବ ପ୍ରକାଶ କରୁଥିବା ବାକ୍ୟର ଗଠନ ପଦ୍ଧତି ଆଲୋଚନାକୁ ବାକ୍ୟ-ତତ୍ତ୍ୱ କୁହାଯାଏ । ପୁଣି ସେଇ ବାକ୍ୟରେ ପ୍ରକାଶ ପାଉଥିବା ମନୋଭାବ ତଥା ଅର୍ଥର ଆଲୋଚନାକୁ ଅର୍ଥତତ୍ତ୍ୱ କୁହାଯାଏ । ଆଲୋଚ୍ୟ ପ୍ରବନ୍ଧରେ ଓଡ଼ିଆ ରୂପତତ୍ତ୍ୱ, ଅର୍ଥାତ ଓଡ଼ିଆ ଭାଷାରେ ପ୍ରଚଳିତ ଶବ୍ଦ ସମୂହର ଗଠନ ପଦ୍ଧତିର ଆଲୋଚନା କରାଯାଇଛି ।

ଓଡ଼ିଆ ରୂପତତ୍ତ୍ୱ ବା ଶବ୍ଦର ଗଠନ ପଦ୍ଧତିକୁ ଆଲୋଚନା କରିବା ପୂର୍ବରୁ ରୂପତତ୍ତ୍ୱ କ'ଣ ସେ ବିଷୟରେ ଧାରଣା କରିବା ଆବଶ୍ୟକ । ଯେଉଁ ପଦ୍ଧତିରେ ଏକ ଅର୍ଥପୂର୍ଣ୍ଣ ଶବ୍ଦର ଗଠନରେ ବ୍ୟବହୃତ ଶବ୍ଦର ବିଭିନ୍ନ ଅଂଶର ବିଶ୍ଳେଷଣ ତଥା ଆଲୋଚନା କରାଯାଏ ସେଇ ଆଲୋଚନାକୁ ରୂପତତ୍ତ୍ୱ କୁହାଯାଏ । ଏକ ଅର୍ଥପୂର୍ଣ୍ଣ ଶବ୍ଦର ଗଠନରେ ବ୍ୟବହୃତ ହୋଇଥିବା ଶବ୍ଦର ବିଭିନ୍ନ ଅଂଶକୁ ରୂପ କୁହାଯାଏ । ପୂର୍ବରୁ କୁହାଯାଇଛି ଯେ ଏକ ବା ଏକାଧିକ ଧ୍ୱନିର ସଂଯୋଗରେ ଅର୍ଥ ପ୍ରକାଶ ପାଇଲେ ତାହା ଶବ୍ଦ ହୁଏ । ଉଦାହରଣ ସ୍ୱରୂପ 'ଆଜିକା', 'ସ୍ୱେରଣୀ', 'କଟକିଆ' ତିନୋଟି ଓଡ଼ିଆ ଶବ୍ଦ । ଏହି ଶବ୍ଦଗୁଡ଼ିକୁ ଲକ୍ଷ୍ୟ କଲେ ଦେଖିହେବ ଯେ ଏଗୁଡ଼ିକ ଏକାଧିକ ସ୍ୱର ଧ୍ୱନି ଓ ବ୍ୟଞ୍ଜନ ଧ୍ୱନିର ସଂଯୋଗରେ ଗଠିତ ଓ ଏହି ଧ୍ୱନି ସଂଯୋଗ ଦ୍ୱାରା ପ୍ରତ୍ୟେକ ଶବ୍ଦରେ ଗୋଟିଏ ଲେଖାଏଁ ସ୍ୱତନ୍ତ୍ର ଅର୍ଥ ପ୍ରକାଶ ପାଉଛି । କିନ୍ତୁ ଏ ଶବ୍ଦ ତିନୋଟିକୁ ବିଶ୍ଳେଷଣ କଲେ ଦେଖିହେବ ଯେ, ଏଗୁଡ଼ିକ କେବଳ ଧ୍ୱନି-ସମଷ୍ଟି ନୁହଁ, ବରଂ ଶବ୍ଦଗୁଡ଼ିକର ଗଠନ ଦୃଷ୍ଟିରୁ ସେଗୁଡ଼ିକୁ ନିମ୍ନଲିଖିତ ମତେ ବିଭାଜନ କରାଯାଇ ପାରିବ । 'ଆଜିକା', 'ସ୍ୱେରଣୀ' ଓ 'କଟକିଆ' ଶବ୍ଦରେ ଯଥାକ୍ରମେ ରହିଛି 'ଆଜି' ଓ 'କା', 'ସ୍ୱେର' ଓ 'ଣୀ' ଏବଂ 'କଟକ' ଓ 'ଇଆ' । ଶବ୍ଦଗୁଡ଼ିକର ଏହି ବିଭାଜନରେ 'ଆଜି', 'କା', 'ସ୍ୱେର', 'ଣୀ' 'କଟକ', 'ଇଆ' ପ୍ରତ୍ୟେକ ଗୋଟିଏ ଗୋଟିଏ ରୂପ ଏବଂ ଶବ୍ଦର ଏଇ ବିଭାଜନରେ ଏ ପ୍ରତ୍ୟେକ ନ୍ୟୂନତମ ରୂପ, ଅର୍ଥାତ୍ ଏଗୁଡ଼ିକୁ ଆଉ ଅଧିକ ବିଭାଜନ କରିହେବ ନାହିଁ । କାରଣ 'ଆଜିକା' ଶବ୍ଦରେ 'ଆଜି' ଶବ୍ଦକୁ ଆଉ ବିଭାଜନ କଲେ ତା ହେବ ଅର୍ଥହୀନ ଧ୍ୱନିର ସମଷ୍ଟି ଏବଂ 'କା'କୁ ବିଭାଜନ କଲେ ମଧ୍ୟ ଏହା ହେବ କେତୋଟି ଅର୍ଥହୀନ ଧ୍ୱନିର ସମଷ୍ଟି । ପୁଣି 'ଆଜି' ଶବ୍ଦର ସମ୍ବନ୍ଧ 'କା' ସହିତ କିନ୍ତୁ ଏହାକୁ ଭାଙ୍ଗି 'ଆ' ସହିତ 'ଜିକା'ର ସମ୍ବନ୍ଧକୁ ସାର୍ଥକ ସମ୍ବନ୍ଧ କୁହାଯାଇ ନପାରେ । ତେବେ ପ୍ରଶ୍ନ ହେଇପାରେ ଯେ 'ଆଜିକା' ଶବ୍ଦରେ 'ଆଜି' ରୂପର ଅର୍ଥ ଥିବାବେଳେ 'କା' ରୂପର ଅର୍ଥ କ'ଣ ? ଏହାର ଉତ୍ତର ଭାବରେ କୁହାଯାଇ ପାରେ ଯେ ଏହାର ଅର୍ଥ ଅଛି କିନ୍ତୁ ଏହା ସ୍ୱତନ୍ତ୍ର ଭାବରେ ଭାଷାରେ ବ୍ୟବହୃତ ନହୋଇ ଅନ୍ୟ ଏକ ରୂପ ସଂଯୋଗରେ ନୂଆ ଶବ୍ଦ ତିଆରି କରିବାରେ ସହାୟକ ହୋଇ ଅର୍ଥପୂର୍ଣ୍ଣ ହୁଏ ।

ରୂପତତ୍ତ୍ୱର ବିଚାର ଅନୁସାରେ ରୂପ ଦୁଇ ପ୍ରକାରର, ମୁକ୍ତରୂପ ଓ ବଦ୍ଧରୂପ । ଉପରେ ଦିଆଯାଇଥିବା ଉଦାହରଣରେ 'ଆଜି', 'ସ୍ୱେର' ଓ 'କଟକ' ପ୍ରତ୍ୟେକ ମୁକ୍ତରୂପ ଏବଂ ନୂଆ ଶବ୍ଦ ଗଠନରେ ସହାୟକ ହେଉଥିବା ରୂପଗୁଡ଼ିକ, ଯଥା—'କା', 'ଣୀ' ଓ 'ଇଆ', ପ୍ରତ୍ୟେକ ବଦ୍ଧରୂପ । 'ଆଜି', 'ସ୍ୱେର', 'କଟକ' ପ୍ରଭୃତିକୁ ମୁକ୍ତରୂପ କହିବାର କାରଣ ହେଉଛି ଏଗୁଡ଼ିକ ପ୍ରତ୍ୟେକ ଗୋଟିଏ ଲେଖାଏଁ ନିର୍ଦ୍ଦିଷ୍ଟ ଅର୍ଥ ପ୍ରକାଶ କରିପାରୁଛି । ଏଣୁ ପ୍ରତ୍ୟେକ ମୁକ୍ତରୂପ ଶବ୍ଦ କିନ୍ତୁ ବଦ୍ଧରୂପଗୁଡ଼ିକ ଶବ୍ଦ ନୁହଁ, ଏଗୁଡ଼ିକ ମୁକ୍ତରୂପ ସହିତ ଯୁକ୍ତ ହୋଇ ନୂଆ ରୂପର ନୂଆ ଶବ୍ଦ ତିଆରି କରିବାରେ ସାହାଯ୍ୟ କରେ । କୌଣସି ନୂଆ ଶବ୍ଦ ଗଠନରେ ଗୋଟିଏ ବଦ୍ଧରୂପ ସହିତ ବ୍ୟବହୃତ ଗୋଟିଏ ମୁକ୍ତରୂପକୁ ପରିବର୍ତ୍ତନ କରି ଅନ୍ୟ ଏକ ମୁକ୍ତରୂପ ଯୋଗ କଲେ ଏକ ନୂଆ ଶବ୍ଦ ତିଆରି ହୋଇପାରିବ । ଯେପରି 'ଆଜିକା'

ଶବ୍ଦରୁ 'ଆଜି' ମୁକ୍ତରୂପକୁ ବଦଳେଇ 'କାଲି' ମୁକ୍ତରୂପ ଯୋଗକଲେ 'କାଲିକା' ନୂଆଶବ୍ଦ ତିଆରି କରାଯାଇ ପାରିବ । ଏଣୁ ଲକ୍ଷ୍ୟ କରାଯାଇ ପାରେ ଯେ ଭାଷାରେ ମୁକ୍ତରୂପର ସଂଖ୍ୟା ଅଧିକ କିନ୍ତୁ ବଦ୍ଧରୂପର ସଂଖ୍ୟା ସୀମିତ । ଅନ୍ୟ ଏକ ଉଦାହରଣ ପାଇଁ ଗୋଟିଏ କ୍ରିୟାପଦକୁ ଏଠାରେ ନିଆଯାଇପାରେ । 'ଯାଇଛି' ଏକ କ୍ରିୟାପଦ, ଯାହାକୁ ବିଭାଜନ କଲେ ହେବ, ଯା+ଇ+ଅଛ+ଇ । ଏହି ବିଭାଜନରେ 'ଯା' ହେଉଛି ମୁକ୍ତରୂପ, କିନ୍ତୁ '-ଇ', '-ଅଛ' ଓ '-ଇ' ପ୍ରତ୍ୟେକ ବଦ୍ଧରୂପ । ଏଗୁଡ଼ିକ ପ୍ରତ୍ୟେକ ନିଜ ନିଜର ସ୍ଥାନରେ ପ୍ରଯୋଗକୁ ଆସି ଲେ ବା ମୁକ୍ତରୂପ ସହିତ ଯୁକ୍ତ ହେଲେ ନୂଆ ଶବ୍ଦ ତିଆରି କରିବାରେ ସହାୟକ ହୁଏ । ସେହିପରି 'ଯା' ମୁକ୍ତରୂପ ସ୍ଥାନରେ 'ଖା' ମୁକ୍ତରୂପ ଯୋଗକରି 'ଖାଇଛି' (ଖା+ଇ+ଅଛ+ଇ) କ୍ରିୟାପଦ ତିଆରି ହୋଇପାରେ ।

### ୬.୨.୧ ଅନୁଶୀଳନୀ (କ) :

ଉପର ପରିଚ୍ଛେଦଗୁଡ଼ିକରେ କୁହାଯାଇଥିବା ବିଷୟକୁ ଠିକ ଭାବରେ ବୁଝିପାରୁଛନ୍ତି କି ନାହିଁ ଜାଣିବା ପାଇଁ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖି ନିଜକୁ ପରୀକ୍ଷା କରନ୍ତୁ । ପ୍ରଶ୍ନଗୁଡ଼ିକର ଉତ୍ତର 'ଆତ୍ମ-ପରୀକ୍ଷଣ ପ୍ରଶ୍ନାବଳୀର ଉତ୍ତର (କ)'ରେ ଦିଆଯାଇଛି । ନିଜର ଉତ୍ତର ଠିକ କି ଭୁଲ ଉତ୍ତର-ପତ୍ର ଦେଖି ପରୀକ୍ଷା କରନ୍ତୁ । ଏହି ଅନୁଶୀଳନୀ (କ)ର ଉତ୍ତରକୁ ମଡ଼େଲ ଭାବରେ ଗ୍ରହଣ କରି ଅନୁଶୀଳନୀ (ଖ) ଓ (ଗ)ର ପ୍ରଶ୍ନଗୁଡ଼ିକର ଉତ୍ତର ଲେଖନ୍ତୁ ।

୧. ଭାଷା ସାହାଯ୍ୟରେ ମଣିଷ କ'ଣ କରିବାକୁ ସମର୍ଥ ହୁଏ ?
୨. ପ୍ରତ୍ୟେକ ଭାଷାର କ'ଣ ଅଛି ?
୩. ଭାଷା ଆଲୋଚନାର ଦୁଇଟି ମୁଖ୍ୟ ଅଂଶ କ'ଣ ?
୪. ଭାଷା ସୃଷ୍ଟିର ମୂଳ କ'ଣ ?
୫. ଶବ୍ଦ କେଉଁଥିରୁ ଗଠିତ ହୁଏ ?
୬. ଅର୍ଥପୂର୍ଣ୍ଣ ଶବ୍ଦ ସଂଯୋଗ ଦ୍ୱାରା କ'ଣ ତିଆରି ହୁଏ ?
୭. ରୂପତତ୍ତ୍ୱ କ'ଣ ?
୮. ଧ୍ୱନିତତ୍ତ୍ୱ କ'ଣ ?
୯. ବାକ୍ୟ ତତ୍ତ୍ୱ କ'ଣ ?
୧୦. ଭାଷା ଆଲୋଚନାକୁ ଭାଷା ବିଜ୍ଞାନ କାହିଁକି କୁହାଯାଏ ?
୧୧. ରୂପ କ'ଣ ?
୧୨. ମୁକ୍ତରୂପ କ'ଣ ?
୧୩. ବଦ୍ଧରୂପ କାହାକୁ କୁହାଯାଏ ?
୧୪. 'ନିତୁଆ' ଓ 'କାଳିଆ' ଶବ୍ଦରେ କେତୋଟି ରୂପ ଅଛି ?
୧୫. 'ଲେଖୁଛି' ଓ 'ଆସୁଛି' କ୍ରିୟାପଦ ଦୁଇଟିକୁ ବିଭାଜନ କରନ୍ତୁ ।

## ୬.୩ ମୂଳପାଠ (ଖଣ୍ଡ-୨)

କୌଣସି ମୁକ୍ତ ରୂପ ଏକାଧିକ ବଦ୍ଧରୂପ ସଂଯୋଗରେ ଗଠିତ ହେଲେ ତାକୁ ରୂପତତ୍ତ୍ୱର ନିୟମ ଅନୁସାରେ ଜଟିଳ ରୂପ କୁହାଯାଏ । ଏହି ନିୟମ ଅନୁସାରେ 'ଯାଇଛି' ଏକ ଜଟିଳ ରୂପ । କୌଣସି ମୁକ୍ତରୂପ ଅନ୍ୟ ଏକ ବା ଏକାଧିକ ମୁକ୍ତରୂପ ସହିତ ଯୁକ୍ତ ହୋଇ ଏକ ନୂଆ ରୂପ ଓ ନୂଆ ଅର୍ଥ ପ୍ରକାଶ କଲେ ତାକୁ ସଂଯୁକ୍ତ ରୂପ କୁହାଯାଏ । ସଂଯୁକ୍ତ ରୂପର ଉଦାହରଣ ସ୍ୱରୂପ 'ଆଜିକାଲି' ଓ 'ଚିଠି-ପତ୍ର', 'ନାଲିଜାମା', 'କଳାଫୁଲ' ପ୍ରଭୃତି ଯୁଗ୍ମଶବ୍ଦକୁ ଉଲ୍ଲେଖ କରାଯାଇପାରେ । ଭାଷାରେ ବ୍ୟବହୃତ ପ୍ରତ୍ୟେକ ଶବ୍ଦ ତଥା ପଦର ଗଠନ ବା ରୂପକୁ ରୂପତତ୍ତ୍ୱର ନିୟମ ଅନୁସାରେ ଉପର୍ଯୁକ୍ତ ମତେ ବିଶ୍ଳେଷଣ କରି ବର୍ଣ୍ଣନା କରାଯାଇପାରେ । ଇଂରାଜୀ ଭାଷାରେ ରୂପତତ୍ତ୍ୱକୁ ମର୍ଫୋଲଜି **(morphology)** କହନ୍ତି ।

ଓଡ଼ିଆ ଭାଷାରେ ବ୍ୟବହୃତ ଶବ୍ଦଗୁଡିକୁ ଗଠନମୂଳକ ବିଚାର ଅନୁସାରେ ମୁଖ୍ୟତଃ ତିନିଭାଗରେ ବିଭକ୍ତ କରାଯାଇଛି । ସେଗୁଡ଼ିକ ହେଲା ତତ୍ସମ, ତଦ୍ଭବ ଓ ବୈଦେଶିକ ।

**ଓଡ଼ିଆ ଭାଷା ସଂସ୍କୃତ ଭାଷାରୁ ସୃଷ୍ଟି ଲାଭ କରିଥିବାରୁ ବହୁ ସଂସ୍କୃତ ଶବ୍ଦ ଅବିକୃତ ବା**

ଅପରିବର୍ତ୍ତିତ ରୂପରେ ଓଡ଼ିଆରେ ପ୍ରଚଳିତ ହେଉଛି । ଏହି ପ୍ରକାର ଶବ୍ଦଗୁଡ଼ିକୁ ଓଡ଼ିଆରେ ତତ୍ସମ ଶବ୍ଦ କୁହାଯାଏ । ଉଦାହରଣ ସ୍ୱରୂପ ନଦୀ, ଅରଣ୍ୟ, ହସ୍ତୀ, ଦ୍ରୁମ, କ୍ଷୁଦ୍ର ଓ ହସ୍ତ ଆଦି ଅସଂଖ୍ୟ ଶବ୍ଦ । ରୂପତତ୍ତ୍ୱର ନିୟମ ଅନୁସାରେ ଓଡ଼ିଆରେ ବ୍ୟବହୃତ ଏହିପରି ଅର୍ଥପୂର୍ଣ୍ଣ ପ୍ରୟୋଗଗୁଡ଼ିକ ପ୍ରତ୍ୟେକ ଶବ୍ଦ ତଥା ମୁକ୍ତ ରୂପ । ଅସଂଖ୍ୟ ଶବ୍ଦ । ରୂପତତ୍ତ୍ୱର ନିୟମ ଅନୁସାରେ ଓଡ଼ିଆରେ ବ୍ୟବହୃତ ଏହିପରି ଅର୍ଥପୂର୍ଣ୍ଣ ପ୍ରୟୋଗଗୁଡ଼ିକ ପ୍ରତ୍ୟେକ ଶବ୍ଦ ତଥା ମୁକ୍ତରୂପ ।

ଓଡ଼ିଆ ଭାଷାରେ ବହୁ ଶବ୍ଦ ସଂସ୍କୃତ ଭାଷାରୁ କାଳକ୍ରମେ ପରିବର୍ତ୍ତିତ ଓ ରୂପାନ୍ତରିତ ହୋଇ ପ୍ରଚଳିତ ହେଇ ଆସୁଛି । ସଂସ୍କୃତରୁ ଉଦ୍ଭବ ଲାଭ କରିଥିବାରୁ ଏହି ଶବ୍ଦଗୁଡ଼ିକୁ ତଦ୍ଭବ କୁହାଯାଏ । ଓଡ଼ିଆରେ ଏହି ତଦ୍ଭବ ଶବ୍ଦର ସଂଖ୍ୟା ବେଶି ଓ ଏଗୁଡ଼ିକର ବ୍ୟବହାର ବି ବେଶି । ନିମ୍ନରେ ସଂସ୍କୃତରୁ ଓଡ଼ିଆକୁ ଆସିଥିବା କେତୋଟି ଶବ୍ଦର ଉଦାହରଣ ଦିଆଗଲା ।

| ସଂସ୍କୃତ ରୂପ | ଓଡ଼ିଆ ରୂପ |
|---|---|
| ନଦୀ | ନଈ |
| ପୁଷ୍କରିଣୀ | ପୋଖରୀ |
| ନକୁଳ | ନେଉଳ |
| ମର୍କଟ | ମାଙ୍କଡ |
| ସର୍ପ | ସାପ |
| କର୍ଣ୍ଣ | କାନ |
| ନିଦ୍ରା | ନିଦ |

ଅନ୍ୟ ବିଦେଶୀ ଭାଷାରୁ, ଯେପରି ଇଂରାଜୀ, ଆରବୀ, ପାରସୀ ଓ ପର୍ତ୍ତୁଗୀଜ ପ୍ରଭୃତିରୁ, କେତେକ ଶବ୍ଦ କାଳକ୍ରମେ ଭାଷା-ସଂସର୍ଗ ଦୃଷ୍ଟିରୁ ଓଡ଼ିଆରେ ମିଶିଯାଇଛି । ବିଦେଶୀ ଭାଷାରୁ ଆସିଥିବାରୁ ଏ ପ୍ରକାର ଶବ୍ଦକୁ ବୈଦେଶିକ ଶବ୍ଦ କୁହାଯାଏ । ଟେବୁଲ, ଟାଇମ୍, କାଇଦା, ଜବାବ, ଜାଗା, ଆମଦାନି, ପସନ୍ଦ, ଗୀର୍ଜା ପ୍ରଭୃତି କେତୋଟିକୁ ବୈଦେଶିକ ଶବ୍ଦର ଉଦାହରଣ ଭାବରେ ଉଲ୍ଲେଖ କରାଯାଇ ପାରେ ।

ଏହାଛଡ଼ା ଆଉ ଏକ ପ୍ରକାର ଶବ୍ଦର ବ୍ୟବହାର ଓଡ଼ିଆରେ ଅଛି, ଯାହାକୁ ଦେଶଜ ଶବ୍ଦ କୁହାଯାଏ । ଏହି ଶବ୍ଦଗୁଡ଼ିକ କାଳକ୍ରମେ ଲୋକ ମୁହଁରେ, ଲୋକଙ୍କ କଥାବାର୍ତ୍ତାରେ ଭାବ ପ୍ରକାଶର ଆବଶ୍ୟକତା ଦୃଷ୍ଟିରୁ କଳ୍ପିତ ରୂପରେ କ୍ରମଶଃ ତିଆରି ହେଉଥାଏ । କେତେକ ତଦ୍ଭବ ଶବ୍ଦ ମଧ୍ୟ ରୂପାନ୍ତରିତ ହୋଇ କଳ୍ପିତ ରୂପରେ ପରିବର୍ତ୍ତିତ ହୋଇଯାଏ । ଏଣୁ ଦେଶଜ ଶବ୍ଦଗୁଡ଼ିକର ରୂପ କେତେବେଳେ ତଦ୍ଭବ ଶବ୍ଦର ରୂପ ପରି ହୁଏ ତ କେତେବେଳେ ତାହା ସ୍ୱତନ୍ତ୍ର ଅର୍ଥ ପ୍ରକାଶ କରିବା ପରେ ଏକ ମୁକ୍ତ ରୂପରେ ବ୍ୟବହୃତ ହୋଇଥାଏ । ଏ ପ୍ରକାର ଶବ୍ଦ ବ୍ୟବହାରକୁ ବା ପ୍ରୟୋଗକୁ ଆସିବା ପରେ ଏଗୁଡ଼ିକର ରୂପ ସ୍ଥିର ହେଉଥିବାରୁ ଏଗୁଡ଼ିକ ଭାଷାକୁ ସମୃଦ୍ଧ କରିବାରେ ଓ ଭାଷାର ଅଭିବୃଦ୍ଧିରେ ସାହାଯ୍ୟ କରିଥାଏ ।

ତତ୍ସମ, ତଦ୍ଭବ ଓ ବୈଦେଶିକ ଶବ୍ଦ ଭିତରେ ତଦ୍ଭବ ଶବ୍ଦର ସଂଖ୍ୟା ଓଡ଼ିଆରେ ବେଶି ବୋଲି ପୂର୍ବରୁ କୁହାଯାଇଛି । ତଦ୍ଭବ ଶବ୍ଦଗୁଡ଼ିକ ଓଡ଼ିଆ ଭାଷାର ନିଜସ୍ୱ ଶବ୍ଦ । ରୂପତତ୍ତ୍ୱର ନିୟମ ଅନୁସାରେ ଏହି ଶବ୍ଦର ଗଠନକୁ ବିଭାଜନ କଲେ ଦେଖାଯାଏ ଯେ କୌଣସି ନ୍ୟୂନତମ ମୁକ୍ତରୂପ ବା ଶବ୍ଦ ସହିତ ଏକ ବା ଏକାଧିକ ବଦ୍ଧରୂପକୁ ପୂର୍ବସର୍ଗ କରି ଅର୍ଥାତ ଶବ୍ଦର ଆରମ୍ଭରେ ଯୋଗ କରି ବା ପରସର୍ଗ କରି ଅର୍ଥାତ ଶବ୍ଦର ଶେଷରେ ଯୋଗ କରି ବା ଉଭୟ ପୂର୍ବସର୍ଗ ଓ ପରସର୍ଗକୁ ଏକ ସମୟରେ ଯୋଗ କରି ନୂଆ ଶବ୍ଦ ଗଢ଼ାଯାଇ ପାରେ । ଓଡ଼ିଆ ଭାଷାରେ ପ୍ରଚଳିତ ବ୍ୟାକରଣରେ ବଦ୍ଧରୂପଗୁଡ଼ିକୁ ପ୍ରତ୍ୟୟ କୁହାଯାଇଛି । ଶବ୍ଦରେ ଆବଶ୍ୟକ ପ୍ରତ୍ୟୟ ଯୋଗ କରି ବାକ୍ୟରେ ପଦ ଆକାରରେ ବ୍ୟବହାର କରାଯାଏ । ଅନ୍ୟ ପକ୍ଷରେ ବାକ୍ୟରେ ବ୍ୟବହୃତ ଏଇ ପଦଗୁଡ଼ିକର ବିଶ୍ଳେଷଣ ମଧ୍ୟ ରୂପତତ୍ତ୍ୱର ପରିସରଭୁକ୍ତ । ଓଡ଼ିଆରେ ପଦ ପାଞ୍ଚ ପ୍ରକାରର, ଯଥା—ବିଶେଷ୍ୟ, ସର୍ବନାମ, ବିଶେଷଣ, ଅବ୍ୟୟ ଓ କ୍ରିୟା ।

ନିମ୍ନରେ ବିଭିନ୍ନ ପଦର ଗଠନ ବିଷୟରେ ଯଥାସମ୍ଭବ ସଂକ୍ଷେପରେ କେତେକ ସୂଚନା ଦିଆଗଲା ।

ବିଶେଷ୍ୟ—ଯେଉଁ ଶବ୍ଦଗୁଡ଼ିକ ସହିତ ବଚନ ପ୍ରତ୍ୟୟ, ଲିଙ୍ଗବାଚକ ପ୍ରତ୍ୟୟ ଓ ଶବ୍ଦ-ବିଭକ୍ତି ବା ବିଭକ୍ତି ପ୍ରତ୍ୟୟ ଯୋଗ ହୁଏ ସେଇଗୁଡ଼ିକ ବିଶେଷ୍ୟ ପଦ ।

ଓଡ଼ିଆରେ ବଚନ ଦୁଇ ପ୍ରକାରର, ଏକବଚନ ଓ ବହୁବଚନ । ସଂଖ୍ୟାରେ ଗୋଟିଏ ବୁଝାଇଲେ ଏକବଚନ ଓ ବହୁ ବୁଝାଇଲେ ବହୁବଚନ ହୁଏ । ଏକବଚନ ପ୍ରତ୍ୟୟ ଭାବରେ ଏ, ଟି, ଟିଏ, ଟା, ଟାଏ, ଗୋଟାଏ, ଗୋଟାକ, ଖଣ୍ଡେ ପ୍ରଭୃତି ବ୍ୟବହୃତ ହୁଏ ।

ଉଦାହରଣ—ଟଙ୍କାଏ, ପିଲାଟି, ଜିନିଷଟା
ଗୋଟାଏ ବହି, ଗୋଟାକ ଫଳ, ଖଣ୍ଡେ ଶାଢ଼ି

ବହୁବଚନ ପ୍ରତ୍ୟୟ ଭାବରେ ଏ, ମାନେ, ମାନ, ଗୁଡ଼ିକ, ଗୁଡ଼ାକ, ଗୁଡ଼ିଏ, ଗୁଡ଼ାଏ, ସମୂହ, ସକଳ, ଦଳ, ପଲ, ସମସ୍ତ, ସବୁ, ଗଣ, ଅନେକ ପ୍ରଭୃତିକୁ ବ୍ୟବହାର କରାଯାଏ ।

ଉଦାହରଣ—ଲୋକେ, ପିଲେ ବା ପିଲାଏ (ଏ)
ଲୋକମାନେ, ଛାତ୍ରମାନେ
ସବୁ ବାଳକ, ସବୁ ବାଳିକା
ଆମ୍ବଗୁଡ଼ିକ, ଆତଗୁଡ଼ାଏ
ସମସ୍ତ କଥା, ଅନେକ ଜିନିଷ

ପ୍ରାଣୀ ଓ ଅପ୍ରାଣୀବାଚକ ଭେଦରେ ବିଶେଷ୍ୟ ପଦର ଲିଙ୍ଗ ତିନିପ୍ରକାର—ପୁଂଲିଙ୍ଗ, ସ୍ତ୍ରୀଲିଙ୍ଗ ଏବଂ କ୍ଳୀବଲିଙ୍ଗ । ଯେଉଁ ବିଶେଷ୍ୟ ପଦ ପୁରୁଷଜାତୀୟ ପ୍ରାଣୀକୁ ବୁଝାଏ, ତାହାର ପୁଂଲିଙ୍ଗ ହୁଏ, ଯେପରି—ପୁରୁଷ, ବାଳକ, ରଜା, ଅଜା, ବାପା ଇତ୍ୟାଦି । ଯେଉଁ ବିଶେଷ୍ୟ ପଦ ସ୍ତ୍ରୀ ଜାତୀୟ ପ୍ରାଣୀକୁ ବୁଝାଏ, ତାହାର ସ୍ତ୍ରୀଲିଙ୍ଗ ହୁଏ, ଯେପରି—ସ୍ତ୍ରୀ, କନ୍ୟା, ବଧୂ, ଗାଈ, ବାଳିକା ଇତ୍ୟାଦି । ସାଧାରଣତଃ ଅପ୍ରାଣୀବାଚକ ପଦମାନଙ୍କର କ୍ଳୀବଲିଙ୍ଗ ହୁଏ, ଯେପରି—ଘର, ସୁନା, ମାଟି, ଗଛ ଇତ୍ୟାଦି ।

ଓଡ଼ିଆରେ ସାଧାରଣତଃ ତିନୋଟି ଉପାୟରେ ପୁଂଲିଙ୍ଗବାଚକ ଶବ୍ଦକୁ ସ୍ତ୍ରୀଲିଙ୍ଗବାଚକ ଶବ୍ଦରେ ପରିଣତ କରାଯାଇଥାଏ; ୧) ପୁଂଲିଙ୍ଗବାଚକ ଶବ୍ଦରେ ଭିନ୍ନ ଭିନ୍ନ ପ୍ରତ୍ୟୟ ଯୋଗକରି ୨) ଭିନ୍ନ ଭିନ୍ନ ଶବ୍ଦ ବ୍ୟବହାର କରି ୩) ପୁଂଲିଙ୍ଗବାଚକ ଶବ୍ଦର ପୂର୍ବରେ ବା ଶେଷରେ ସ୍ତ୍ରୀବାଚକ ଶବ୍ଦ ଯୋଗକରି ।

୧) ପୁଂଲିଙ୍ଗବାଚକ ଶବ୍ଦରେ "ଆ", "ଈ", "ଆଣୀ" ବା "ଆନୀ" ଓ "ଉଣୀ" ପ୍ରତ୍ୟୟ ଯୋଗକରି ସ୍ତ୍ରୀଲିଙ୍ଗବାଚକ ଶବ୍ଦ ତିଆରି ହୁଏ ।

| ଉଦାହରଣ—ପୁଂଲିଙ୍ଗ | ସ୍ତ୍ରୀଲିଙ୍ଗ | ପ୍ରତ୍ୟୟ |
|---|---|---|
| କୋକିଳ | କୋକିଳା | ଆ |
| ଦୁଷ୍ଟ | ଦୁଷ୍ଟା | ଆ |
| ଛଇଳ | ଛଇଳା | ଆ |
| ବକ | ବକୀ | ଈ |
| ସୁନ୍ଦର | ସୁନ୍ଦରୀ | ଈ |
| କଣା | କାଣୀ | ,, |
| ଟୋକା | ଟୋକୀ | ,, |
| ମୋଟା | ମୋଟୀ | ,, |
| ଛୋଟା | ଛୋଟୀ | ,, |
| ପାଗଳ | ପାଗଳୀ | ,, |
| ଇନ୍ଦ୍ର | ଇନ୍ଦ୍ରାଣୀ | ଆଣୀ ବା ଆନୀ |
| ଭବ | ଭବାନୀ | ,, |
| ତନ୍ତୀ | ତନ୍ତିଆଣୀ | ,, |
| ଠାକୁର | ଠାକୁରାଣୀ | ,, |
| ମହାନ୍ତି | ମହାନ୍ତିଆଣୀ | ,, |
| ଅନ୍ଧ | ଅନ୍ଧୁଣୀ | ଉଣୀ |
| ବାଘ | ବାଘୁଣୀ | ,, |
| ବଙ୍ଗାଳୀ | ବଙ୍ଗାଳୁଣୀ | ,, |
| ବଷା | ବୃଷୁଣୀ | ,, ଇତ୍ୟାଦି |

୨) ଭିନ୍ନ ଭିନ୍ନ ଶବ୍ଦ ବ୍ୟବହାର କରି ପୁଂଲିଙ୍ଗ ଓ ସ୍ତ୍ରୀଲିଙ୍ଗର ପ୍ରଭେଦ ହୁଏ ।

| ଉଦାହରଣ—ପୁଂଲିଙ୍ଗ | ସ୍ତ୍ରୀଲିଙ୍ଗ |
|---|---|
| ପିତା | ମାତା |
| ପୁରୁଷ | ସ୍ତ୍ରୀ |
| ବାପା | ବୋଉ |
| ଦିଅର | ଭାଉଜ |
| ଅଜା | ଆଈ |
| ପୁଅ | ଝିଅ, ଇତ୍ୟାଦି |

୩) ପୁଂଲିଙ୍ଗବାଚକ ଶବ୍ଦର ପୂର୍ବରେ ବା ଶେଷରେ ସ୍ତ୍ରୀବାଚକ ଶବ୍ଦ ଯୋଗକରି ସ୍ତ୍ରୀ ଓ ପୁରୁଷ ବାଚକ ଶବ୍ଦର ପ୍ରଭେଦ ହୁଏ ।

| ଉଦାହରଣ—ପୁଂଲିଙ୍ଗ | ସ୍ତ୍ରୀଲିଙ୍ଗ |
|---|---|
| କବି | ନାରୀକବି |
| ପ୍ରଭୁ | ପ୍ରଭୁପତ୍ନୀ |
| ଅଣ୍ଡିରା ବାଛୁରୀ | ମାଈ ବାଛୁରୀ |
| ଅଣ୍ଡିରା ଛେଳି | ମାଈ ଛେଳି, ଇତ୍ୟାଦି |

ଓଡ଼ିଆରେ ବାକ୍ୟ ମଧ୍ୟରେ ବ୍ୟବହୃତ ପଦଗୁଡ଼ିକୁ **ଲକ୍ଷ୍ୟକଲେ** ଦେଖାଯାଏ ଯେ ପଦମାନଙ୍କ ଭିତରେ ସମ୍ପର୍କ ସ୍ଥାପନ ପାଇଁ ପ୍ରତ୍ୟେକ ପଦ କୌଣସି ଶବ୍ଦର ବା ଧାତୁର କେତେକ ପରିବର୍ତ୍ତନ ଦ୍ୱାରା ଗଠିତ ହୋଇଥାନ୍ତି । ଏହି ପରିବର୍ତ୍ତନ ଘଟାଉଥିବା ପ୍ରତ୍ୟୟଗୁଡ଼ିକୁ ଶବ୍ଦ ବିଭକ୍ତି ବା ବିଭକ୍ତି ପ୍ରତ୍ୟୟ କୁହାଯାଏ । ଓଡ଼ିଆ ବ୍ୟାକରଣରେ ବ୍ୟବହୃତ ସାତ ପ୍ରକାର ବିଭକ୍ତିର ପ୍ରତ୍ୟୟଗୁଡ଼ିକ ଏକବଚନ ଓ ବହୁବଚନ ଭେଦରେ ବିଶେଷ୍ୟ ପଦ ସହିତ ଯୁକ୍ତ ହୋଇ ବାକ୍ୟରେ ବ୍ୟବହୃତ ହୁଏ । ନିମ୍ନରେ ବିଭକ୍ତି ପ୍ରତ୍ୟୟଗୁଡ଼ିକର ସୂଚନା ଦିଆଗଲା ।

| ବିଭକ୍ତି | ଏକବଚନ | ବହୁବଚନ |
|---|---|---|
| ପ୍ରଥମା | ଅଧିକାଂଶ କ୍ଷେତ୍ରରେ ପ୍ରତ୍ୟୟ ନାହିଁ, ସ୍ଥାନେ ସ୍ଥାନେ -ଏ | -ମାନେ, -ଗୁଡ଼ିକ, -ଗୁଡାକ |
| ଦ୍ୱିତୀୟା | -କୁ, -ଙ୍କୁ | -ଙ୍କୁ, -ମାନଙ୍କୁ |
| ତୃତୀୟା | -ଦ୍ୱାରା, -ରେ | -ମାନଙ୍କ ଦ୍ୱାରା |
| ଚତୁର୍ଥୀ | -କୁ, -ଙ୍କୁ | -ଙ୍କୁ, -ମାନଙ୍କୁ |
| ପଞ୍ଚମୀ | -ରୁ, -ଠାରୁ, -ଠୁ | -ମାନଙ୍କରୁ, -ମାନଙ୍କଠାରୁ, ମାନଙ୍କଠୁ |
| ଷଷ୍ଠୀ | -ର, -ଙ୍କ, -ଙ୍କର | -ମାନଙ୍କ, -ମାନଙ୍କର |
| ସପ୍ତମୀ | -ରେ, -ଠାରେ | -ମାନଙ୍କରେ, -ମାନଙ୍କଠାରେ, ଇତ୍ୟାଦି |

**ସର୍ବନାମ**—ଯେଉଁ ଶବ୍ଦ ପୁରୁଷ, ବଚନ, ଲିଙ୍ଗ ଏବଂ ମାନ୍ୟାର୍ଥ ଭେଦରେ ବିଶେଷ୍ୟ ପଦ ପରିବର୍ତ୍ତେ ବ୍ୟବହୃତ ହୁଏ, ତାହାକୁ ସର୍ବନାମ କହନ୍ତି । ସର୍ବନାମ ପଦର ତିନିଟି ପୁରୁଷ ଅଛି । ପ୍ରଥମ ପୁରୁଷ, ଦ୍ୱିତୀୟ ପୁରୁଷ ଓ ତୃତୀୟ ପୁରୁଷ । ସର୍ବନାମର ପୁରୁଷ ଓ ବଚନ ଭେଦରେ ନିମ୍ନଲିଖିତ ରୂପ ହୁଏ ।

| ପୁରୁଷ | ଏକବଚନ | ବହୁବଚନ |
|---|---|---|
| ପ୍ରଥମ | ମୁଁ | ଆମେ |
| ଦ୍ୱିତୀୟ | ତୁ | ତମେମାନେ |
| | ତମେ | ତମେମାନେ |
| | ଆପଣ (ମାନ୍ୟାର୍ଥେ) | ଆପଣମାନେ (ମାନ୍ୟାର୍ଥେ) |
| ତୃତୀୟ | ସେ | ସେମାନେ |
| | ସେ (ମାନ୍ୟାର୍ଥେ) | ସେମାନେ |

ସର୍ବନାମର ତିର୍ଯ୍ୟକ୍ ରୂପରେ ବିଭକ୍ତି ପ୍ରତ୍ୟୟ ଯୁକ୍ତ ହୁଏ । ବିଶେଷ୍ୟ ପଦ ସହିତ ଯୁକ୍ତ ହେଉଥିବା ସମସ୍ତ ବିଭକ୍ତି ପ୍ରତ୍ୟୟ ସର୍ବନାମର ତିର୍ଯ୍ୟକ୍ ରୂପ ସହିତ ଯୁକ୍ତ ହୋଇ ବାକ୍ୟରେ ପଦ ସହିତ ସମ୍ପର୍କ ରକ୍ଷା କରନ୍ତି । ସର୍ବନାମର ତିର୍ଯ୍ୟକ୍ ରୂପର ଗଠନ ନିମ୍ନରେ ଦିଆଗଲା ।

| ପୁରୁଷ | ଏକବଚନ | ତିର୍ଯ୍ୟକ ରୂପ | ବହୁବଚନ | ତିର୍ଯ୍ୟକ ରୂପ |
|---|---|---|---|---|
| ପ୍ରଥମ | ମୁଁ | ମୋ | ଆମେ | ଆମ |
| ଦ୍ୱିତୀୟ | ତୁ | ତୋ | ତମେମାନେ | ତମମାନ |
| | ତମେ | ତମ | ତମେମାନେ | ତମମାନ |
| | ଆପଣ | ଆପଣଙ୍କ | ଆପଣମାନେ | ଆପଣମାନ |
| ତୃତୀୟ | ସେ | ତା | ସେମାନେ | ସେମାନ |
| | ସେ (ମାନ୍ୟାର୍ଥେ) | ତାଙ୍କ | ସେମାନେ | ସେମାନଙ୍କ |

ଏହାଛଡ଼ା 'ଏ', 'ଏହା', 'ଏହି', 'ସେ', 'ତାହା' ପ୍ରଭୃତି କେତେକ ନିର୍ଦ୍ଦେଶବାଚକ ସର୍ବନାମ ପଦ ଓ 'କିଏ', 'କଅଣ', 'କେଉଁ', 'କାହାର', ପ୍ରଭୃତି ପରି କେତେକ ପ୍ରଶ୍ନବାଚକ ସର୍ବନାମ ପଦର ବ୍ୟବହାର ଓଡ଼ିଆରେ ଅଛି ।

ବିଶେଷଣ—ବିଶେଷଣ ପଦ ବାକ୍ୟରେ ଅନ୍ୟ ପଦର ଗୁଣ, ଅବସ୍ଥା, ସଂଖ୍ୟା, ପରିମାଣ ଇତ୍ୟାଦି ପ୍ରକାଶ କରେ । ବିଶେଷ୍ୟ ଓ ସର୍ବନାମର ବିଶେଷଣ, ବିଶେଷଣର ବିଶେଷଣ ଓ କ୍ରିୟା ବିଶେଷଣ ପ୍ରଭୃତି ପଦ ଗଠନ ହୋଇଥାଏ ବିଶେଷଣ ପଦ ବ୍ୟବହାର କରି ।

ଉଦାହରଣ—ବିଶେଷ୍ୟର ବିଶେଷଣ—<u>ସୁନ୍ଦରୀ</u> ଝିଅ, <u>ମିଠା</u> ଫଳ
ସର୍ବନାମର ବିଶେଷଣ—ତୁ <u>ଦୁଷ୍ଟ</u>, ସେମାନେ <u>ଦରିଦ୍ର</u>
ବିଶେଷଣର ବିଶେଷଣ—<u>ଭାରି ଦୁଷ୍ଟ</u> ପିଲା, <u>ଅତି ଖଟା</u> ଆମ୍ବ
କ୍ରିୟା ବିଶେଷଣ—<u>ଧୀରେ ଧୀରେ</u> ଚାଲିବା, <u>ଚଞ୍ଚଳ</u> ଆସିବା

ଅବ୍ୟୟ—ଅବ୍ୟୟ ପଦ ବ୍ୟବହାର ଦ୍ୱାରା ବାକ୍ୟରେ ଶବ୍ଦର ଅର୍ଥ ପରିବର୍ତ୍ତନ ହୋଇଥାଏ କିନ୍ତୁ ଅବ୍ୟୟ ପଦଗୁଡ଼ିକର କୌଣସି ପରିବର୍ତ୍ତନ ହୁଏ ନାହିଁ । ଅବ୍ୟୟ ପଦଗୁଡ଼ିକ ବିଶେଷ୍ୟ, ବିଶେଷଣ, ସର୍ବନାମ ଓ କେତେକ କ୍ରିୟାପଦ ସହିତ ଯୁକ୍ତ ହୋଇ ବ୍ୟବହୃତ ହୁଏ । ଏଗୁଡ଼ିକ ସାଧାରଣତଃ ସଂଯୋଜକ, ବିଯୋଜକ, ପରିମାଣ ସୂଚକ, ନିଷେଧାର୍ଥକ, ସାଦୃଶ୍ୟ ଅର୍ଥରେ, ସମ୍ମତି ଅର୍ଥରେ, ପ୍ରଶ୍ନବାଚକ ଭାବରେ, ନିଶ୍ଚୟାର୍ଥକ ବୋଧରେ, କାରଣ ସୂଚକ ପ୍ରଭୃତି ଅର୍ଥରେ ପ୍ରୟୋଗ କରାଯାଏ । 'ଓ', 'ଆଉ' 'ଏବଂ', 'ଆହୁରି', 'କିନ୍ତୁ', 'ମାତ୍ର', 'ଅଥଚ', 'ତଥାପି', 'ଏତେ', 'ସେତେ', 'ଯେତେ', 'ଯଥା', 'ତଥା', 'ପ୍ରାୟ', 'ହଁ', 'ଆଜ୍ଞା', 'ସିନା', 'ନିଶ୍ଚୟ', 'ଅବଶ୍ୟ', 'କଅଣ', 'ପରା', 'ତ', 'ଟି' ପ୍ରଭୃତି କେତୋଟି ଅବ୍ୟୟ ପଦର ଉଦାହରଣ ।

ଉପସର୍ଗ—ଓଡ଼ିଆରେ ଉପସର୍ଗଗୁଡ଼ିକୁ ଧାତୁର ଆରମ୍ଭରେ ଯୋଗକରି କେତେକ ଅର୍ଥପୂର୍ଣ୍ଣ ଶବ୍ଦ ଗଠନ କରାଯାଇଥାଏ । ସଂସ୍କୃତରୁ ଓଡ଼ିଆକୁ ଆସିଥିବା ଉପସର୍ଗଗୁଡ଼ିକ ସଂଖ୍ୟାରେ କୋଡ଼ିଏଟି । ସେଗୁଡ଼ିକ ହେଲା, ପ୍ର, ପରା, ଅପ୍, ସମ୍, ନି, ଅଧି, ସୁ, ନିର, ଦୁର୍, ଉତ୍, ଅତି, ପରି, ପ୍ରତି, ଅବ, ଅନୁ, ବି, ଅଭି, ଉପ, ଅପି ଓ ଆ । ଉପସର୍ଗ ଯୋଗ ହୋଇଥିବା କେତୋଟି ଧାତୁର ଉଦାହରଣ ନିମ୍ନରେ ଦିଆଗଲା ।

ଦା ଧାତୁ—ଆଦାନ, ପ୍ରଦାନ, ଉପାଦାନ
ହୃ ଧାତୁ—ପ୍ରହାର, ସଂହାର, ଆହାର
ମା ଧାତୁ—ପରିମାଣ, ପ୍ରମାଣ, ଅପମାନ

ଉପସର୍ଗ ସବୁ ବିଭିନ୍ନ ଅର୍ଥରେ ବ୍ୟବହାର ହେଉଥିବାରୁ କେତୋଟି ଉପସର୍ଗ ବ୍ୟବହାର ହୋଇଥିବା ଶବ୍ଦର ସୂଚନା ଦିଆଯାଉଛି । ପ୍ରଦାନ, ପ୍ରଚଣ୍ଡ, ଅପକର୍ମ, ଅପବାଦ, ନିକଟ, ନିଯୁକ୍ତ, ସୁଯୋଗ, ସୁଚରିତ୍ର, ଦୁର୍ଭାଗ୍ୟ, ଦୁର୍ଘଟନା, ଅତ୍ୟନ୍ତ, ଅତିଶୟ, ପ୍ରତିହିଂସା, ପ୍ରତିକାର ପ୍ରଭୃତି ଉପସର୍ଗ ଦ୍ୱାରା ଗଠିତ ବହୁ ଶବ୍ଦ ଭିତରୁ ମାତ୍ର କେତୋଟି ।

କ୍ରିୟା—ଯେଉଁ ଶବ୍ଦଗୁଡ଼ିକରେ ପୁରୁଷ, ବଚନ, କାଳ ଓ ଭାବ ଅନୁସାରେ ପରିବର୍ତ୍ତନ ଘଟେ ସେଗୁଡ଼ିକ କ୍ରିୟାପଦ । କ୍ରିୟାପଦଗୁଡ଼ିକ ମୂଳଧାତୁରୁ ଗଠିତ ହୁଏ । ମୂଳଧାତୁରେ ଆବଶ୍ୟକ ପ୍ରତ୍ୟୟ ଯୋଗକରି କ୍ରିୟାପଦଗୁଡ଼ିକର ବିଭିନ୍ନ ରୂପ ହୁଏ । କ୍ରିୟାପଦର ପ୍ରତ୍ୟେକ ଗଠନ ପାଇଁ ପ୍ରତ୍ୟୟ ଯୋଗ କରିବାକୁ ହୁଏ । ଏଣୁ କ୍ରିୟାର ମୂଳଧାତୁ ସହିତ ସମାପିକା ଓ ଅସମାପିକା ପ୍ରତ୍ୟୟ ଯୋଗକରି କ୍ରିୟାର ସମାପିକା ଓ ଅସମାପିକା ରୂପ ଗଠିତ ହୁଏ । ସେହିପରି କ୍ରିୟାର କର୍ତ୍ତୃବାଚ୍ୟ ଓ କର୍ମବାଚ୍ୟର ଭେଦ ପାଇଁ ମୂଳଧାତୁରେ ନିର୍ଦ୍ଦିଷ୍ଟ ପ୍ରତ୍ୟୟ ଯୋଗକରି ସେଥିରେ କାଳ, ପୁରୁଷ ଓ ବଚନ ପ୍ରତ୍ୟୟ ଯୋଗ ହେବା ପରେ କ୍ରିୟାପଦ ଗଠନଟି ସମ୍ପୂର୍ଣ୍ଣ ହୁଏ । ଏହି ପ୍ରବନ୍ଧରେ କ୍ରିୟାପଦର ପ୍ରତ୍ୟେକ ଗଠନର ବର୍ଣ୍ଣନା ଦେବା, ପ୍ରବନ୍ଧର କଳେବର ଦୃଷ୍ଟିରୁ ସମ୍ଭବ ନୁହଁ । ସେଥିପାଇଁ କେବଳ ଉଦାହରଣ ଭାବରେ 'ପଢ଼୍' ଧାତୁର କର୍ତ୍ତୃବାଚ୍ୟ ଓ କର୍ମବାଚ୍ୟ କ୍ରମରେ ସମାପିକା ରୂପରେ ଅସମ୍ପନ୍ନ-ବର୍ତ୍ତମାନ କାଳର ଗଠନ ରୂପର ବର୍ଣ୍ଣନା ଦିଆଯାଉଛି । 'ପଢ଼୍' ଧାତୁର କର୍ତ୍ତୃବାଚ୍ୟରେ ସମାପିକା ରୂପରେ ଅସମ୍ପନ୍ନ-ବର୍ତ୍ତମାନ-କାଳର କ୍ରିୟା ରୂପ ହେଉଛି 'ପଢ଼ୁଛି' ଓ କର୍ମବାଚ୍ୟରେ ସମାପିକା ରୂପରେ ଅସମ୍ପନ୍ନ-ବର୍ତ୍ତମାନ-କାଳର କ୍ରିୟାରୂପ ହେଉଛି 'ପଢ଼ାଯାଉଛି' । ଓଡ଼ିଆରେ କର୍ତ୍ତୃବାଚ୍ୟର ସ୍ୱତନ୍ତ୍ର ପ୍ରତ୍ୟୟ ନାହିଁ, କିନ୍ତୁ କର୍ମବାଚ୍ୟରେ ପ୍ରତ୍ୟୟ '-ଆ' ଓ ଏହା ମୂଳଧାତୁ ସହିତ ଯୁକ୍ତ ହେବା ପରେ ସେଥିରେ ଯା/ହେ ଧାତୁ ଯୋଗକରି ତାପରେ କାଳ ଓ ବଚନ ପ୍ରତ୍ୟୟ ଯୋଗ କରିବାକୁ ହୁଏ । କର୍ମବାଚ୍ୟରେ ସର୍ବଦା କ୍ରିୟାପଦର ଏକବଚନ ରୂପ ହୁଏ । ବୁଝିବାର ସୁବିଧା ପାଇଁ ନିମ୍ନରେ 'ପଢ଼୍' ଧାତୁର 'ପଢ଼ୁଛି' ଓ 'ପଢ଼ାଯାଉଛି' କ୍ରିୟାର ଗଠନ ବିଶ୍ଳେଷଣ ଦେଖାଇ ଦିଆଯାଉଛି ।

କର୍ତ୍ତୃବାଚ୍ୟ—କ୍ରିୟାପଦ 'ପଢ଼ୁଛି'କୁ ଗଠନ ଅନୁସାରେ ବିଭାଜନ କଲେ ତାହା ଏହିପରି ହେବ—'ପଢ୍+ଉ+ଅଛ+ଇ । ଏହି ବିଭାଜନରେ 'ପଢ୍' ମୂଳଧାତୁ ଓ ଏହା ମୁକ୍ତରୂପ । 'ଉ' ଅସମ୍ପନ୍ନ-ବର୍ତ୍ତମାନ-କାଳର ପ୍ରତ୍ୟୟ, '-ଅଛ' ସହାୟକ ଧାତୁ, '-ଇ' ପ୍ରଥମ ପୁରୁଷ-ଏକବଚନର ପ୍ରତ୍ୟୟ । 'ଉ', '-ଅଛ' ଓ '-ଇ' ପ୍ରତ୍ୟେକ ପ୍ରତ୍ୟୟ କ୍ରିୟାର ଗଠନରେ ବଦ୍ଧରୂପ ।

କର୍ମବାଚ୍ୟ—କ୍ରିୟାପଦ 'ପଢ଼ାଯାଉଛି' ବା 'ପଢ଼ାହେଉଛି'କୁ ବିଭାଜନ କଲେ ଏହିପରି ହେବ—ପଢ୍+ଆ+ଯା/ହେ+ଉ+ଅଛ+ଇ । ଏହି ବିଭାଜନରେ 'ପଢ୍' ମୂଳଧାତୁ ଓ ଏହା ମୁକ୍ତରୂପ । '-ଆ' କର୍ମବାଚ୍ୟ ପ୍ରତ୍ୟୟ, 'ଯା/ହେ' କର୍ମବାଚ୍ୟ ସହାୟକ ଧାତୁ, '-ଉ' ଅସମ୍ପନ୍ନ-ବର୍ତ୍ତମାନ-କାଳର ପ୍ରତ୍ୟୟ, '-ଅଛ' ସହାୟକ ଧାତୁ ଏବଂ '-ଇ' ଏକବଚନ ପ୍ରତ୍ୟୟ । ଏହି ଗଠନରେ 'ପଢ୍' ଏବଂ 'ଯା/ହେ' ଦୁଇଟି ମୁକ୍ତ-ରୂପ ଏବଂ '-ଆ', '-ଉ', '-ଅଛ' ଓ 'ଇ' ପ୍ରତ୍ୟେକ ପ୍ରତ୍ୟୟ ବଦ୍ଧରୂପ ।

ଏହିପରି ଭାବରେ ଓଡ଼ିଆ କ୍ରିୟାର ପ୍ରତ୍ୟେକ ଗଠନକୁ ବିଭାଜନ କରି ତାହାର ଗଠନ ରୂପକୁ ନିର୍ଣ୍ଣୟ କରିହେବ ।

**୭.୩.୧ ଅନୁଶୀଳନୀ (ଖ) :**

ଉପରଲିଖିତ ପରିଚ୍ଛେଦଗୁଡ଼ିକ ପଢ଼ି ନିଜର ବୋଧଜ୍ଞାନ ପରୀକ୍ଷା କରିବା ପାଇଁ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖନ୍ତୁ ।

୧. ଜଟିଳ ରୂପ କାହାକୁ କୁହାଯାଏ ?
୨. ସଂଯୁକ୍ତ ରୂପ କିପରି ଗଠିତ ହୁଏ ?
୩. ରୂପତତ୍ତ୍ୱକୁ ଇଂରାଜୀରେ କ'ଣ କୁହାଯାଏ ?
୪. ତତ୍ସମ ଓ ତଦ୍ଭବ ଶବ୍ଦ ମଧ୍ୟରେ ପାର୍ଥକ୍ୟ କ'ଣ ?
୫. ଦେଶଜ କିପରି ସୃଷ୍ଟ ହୁଏ ?
୬. ବିଶେଷ୍ୟ ପଦରେ ଏକବଚନ ଓ ବହୁବଚନ ପ୍ରତ୍ୟୟ ଯୋଗକରି ପ୍ରତ୍ୟେକରୁ ୫ଟି ଲେଖାଏଁ ଶବ୍ଦ ତିଆରି କରନ୍ତୁ ।
୭. ସର୍ବନାମର କେଉଁ ରୂପରେ ବିଭକ୍ତି ପ୍ରତ୍ୟୟ ଯୁକ୍ତ ହୁଏ, ଉଦାହରଣ ଦେଇ ଲେଖନ୍ତୁ ।
୮. ବିଶେଷଣ ପଦର କେତେ ପ୍ରକାର ଗଠନ ହୋଇପାରେ ?
୯. 'କର' ଓ 'ରଖ' ଧାତୁର କର୍ତ୍ତୃବାଚ୍ୟରେ ଅସମ୍ପନ୍ନ-ବର୍ତ୍ତମାନ-କାଳ ଗଠନ କରି ବିଭାଜନ କରନ୍ତୁ ।
୧୦. 'ଦେଖ' ଓ 'ବସ୍' ଧାତୁର କର୍ମବାଚ୍ୟରେ ଅସମ୍ପନ୍ନ-ବର୍ତ୍ତମାନ-କାଳ ଗଠନ କରି ବିଭାଜନ କରନ୍ତୁ ।

## ୭.୪ ମୂଳପାଠ (ଖଣ୍ଡ-୩)

ଓଡ଼ିଆରେ ଧାତୁ ଓ ଶବ୍ଦ ସହିତ କେତେକ ପ୍ରତ୍ୟୟ ପରସର୍ଗ ଯୋଗ କରାଯାଇ ନୂଆଶବ୍ଦ ସବୁ ଗଠନ କରାଯାଏ । ଧାତୁ ସହିତ ପ୍ରତ୍ୟୟ ପରସର୍ଗ ହେଲେ ତାକୁ କୃତ୍-ପ୍ରତ୍ୟୟ କହନ୍ତି ଓ କୃତ୍-ପ୍ରତ୍ୟୟ ଦ୍ୱାରା ନିଷ୍ପନ୍ନ ଶବ୍ଦକୁ କୃଦନ୍ତ ପଦ କୁହାଯାଏ । ସେହିପରି ଶବ୍ଦ ସହିତ ଭିନ୍ନ ଭିନ୍ନ ପ୍ରତ୍ୟୟକୁ ପର-ସର୍ଗ କରି ନୂଆ ଶବ୍ଦ ଗଠନ ହେଲେ ସେହି ପ୍ରତ୍ୟୟଗୁଡ଼ିକୁ ତଦ୍ଧିତ ପ୍ରତ୍ୟୟ କହନ୍ତି ଓ ତଦ୍ଧିତ ପ୍ରତ୍ୟୟ ଦ୍ୱାରା ଗଢ଼ାଯାଇଥିବା ଶବ୍ଦଗୁଡ଼ିକୁ ତଦ୍ଧିତ ପଦ କୁହାଯାଏ ।

ଓଡ଼ିଆରେ କୃତ୍ ପ୍ରତ୍ୟୟ ପାଇଁ ଧାତୁ ସହିତ 'ଆ', 'ଅ', 'ଅଣ', 'ଅଣା', 'ଆଣ', 'ଆଣି', 'ଅନ୍ତା', 'ଏଣି', 'ଉଣି', 'ଆଳି', 'ଇ', 'ଇଲ' ପ୍ରଭୃତି ଅନେକ ପ୍ରତ୍ୟୟ ଯୋଗ କରାଯାଏ । ନିମ୍ନରେ ପାଞ୍ଚୋଟି କୃତ୍ ପ୍ରତ୍ୟୟର ଉଦାହରଣ ଦିଆଗଲା ।

'ଆ' ପ୍ରତ୍ୟୟ—ଖେଳ୍+ଆ=ଖେଳା
କିଣ୍+ଆ=କିଣା

'ଅନ୍ତା' ପ୍ରତ୍ୟୟ—ଜଳ୍+ଅନ୍ତା=ଜଳନ୍ତା
ହସ୍+ଅନ୍ତା=ହସନ୍ତା

'ଅଳି' ପ୍ରତ୍ୟୟ—ବିକ୍+ଅଳି=ବିକାଳି
ଦେଖ୍+ଅଳି=ଦେଖାଳି

'ଇଲା' ପ୍ରତ୍ୟୟ—ଖା+ଇଲା=ଖାଇଲା
ବସ୍+ଇଲା=ବସିଲା

'ଉଣି' ପ୍ରତ୍ୟୟ—ରାନ୍ଧ୍+ଉଣି=ରାନ୍ଧୁଣି
ଢାଙ୍କ୍+ଉଣି=ଢାଙ୍କୁଣି

ଓଡ଼ିଆରେ ତଦ୍ଧିତ ପ୍ରତ୍ୟୟ ପାଇଁ ଶବ୍ଦ ସହିତ 'ର', 'ଆ', 'ଇ', 'ବାଲା', 'ଇଆ', 'ଉଆ', 'ପଣିଆ', 'ଟିଆ', 'ଉର', 'ଉଳି', ପ୍ରଭୃତି ବହୁ ପ୍ରତ୍ୟୟର ପ୍ରୟୋଗ ଅଛି । ନିମ୍ନରେ ପାଞ୍ଚୋଟି ତଦ୍ଧିତ ପ୍ରତ୍ୟୟର ଉଦାହରଣ ଦିଆଗଲା ।

'ଆ' ପ୍ରତ୍ୟୟ—ଜାତି+ଆ=ଜାତିଆ
ଚୁଟି+ଆ=ଚୁଟିଆ

'ଇଆ' ପ୍ରତ୍ୟୟ—ନଈକୂଳ+ଇଆ=ନଈକୂଳିଆ
କଟକ+ଇଆ=କଟକିଆ

'ଉଆ' ପ୍ରତ୍ୟୟ—ଶୀତ+ଉଆ=ଶୀତୁଆ
ସକାଳ+ଉଆ=ସକାଳୁଆ

'ଟିଆ' ପ୍ରତ୍ୟୟ—ଖର+ଟିଆ=ଖରଟିଆ
ଏକା+ଟିଆ=ଏକାଟିଆ

'ଉର' ପ୍ରତ୍ୟୟ—ଦାନ୍ତ+ଉର=ଦାନ୍ତୁର
କାନ୍ଦ+ଉର=କାନ୍ଦୁର

ସଂଯୁକ୍ତ ଶବ୍ଦ—ଓଡ଼ିଆରେ ଦୁଇ ବା ଅଧିକ ଶବ୍ଦକୁ ଯୋଗକରି ଅନେକ ନୂଆଶବ୍ଦ ବ୍ୟବହାର କରଯାଏ । ବ୍ୟାକରଣରେ ସାଧାରଣତଃ ଦୁଇ ବା ତହିଁରୁ ଅଧିକ ଶବ୍ଦକୁ ନେଇ ଗୋଟିଏ ଶବ୍ଦ ଗଠନ କରିବା ବ୍ୟବସ୍ଥାକୁ ସମାସ ଆଖ୍ୟା ଦିଆଯାଇଛି ଏବଂ ଏଥିପାଇଁ ସଂସ୍କୃତ ବ୍ୟାକରଣର ପଦ୍ଧତିକୁ ମୁଖ୍ୟତଃ ଅନୁସରଣ କରଯାଇ ବିଭିନ୍ନ ସମାସର ବର୍ଣ୍ଣନା ଦିଆଯାଇଛି । ରୂପତତ୍ତ୍ୱର ଗଠନ ପଦ୍ଧତି ଅନୁସାରେ ଏକାଧିକ ଶବ୍ଦର ସଂଯୋଗକୁ ସଂଯୁକ୍ତ-ଶବ୍ଦ ବୋଲି କୁହାଯାଇପାରେ । ଓଡ଼ିଆରେ (୧) ସମଅର୍ଥକ ଶବ୍ଦ ଯୋଗକରି (୨) ବିପରୀତାର୍ଥକ ଶବ୍ଦ ଯୋଗକରି (୩) ନିରର୍ଥକ ଶବ୍ଦ ଯୋଗକରି (୪) ଧ୍ୱନ୍ୟାତ୍ମକ ଶବ୍ଦ ପ୍ରୟୋଗ କରି ସଂଯୁକ୍ତ ଶବ୍ଦ ଗଠନ କରଯାଇଥାଏ । ପ୍ରତ୍ୟେକର ଉଦାହରଣ ନିମ୍ନରେ ଦିଆଗଲା ।

(୧) ସମଅର୍ଥକ ଶବ୍ଦ ଯୋଗକରି—ନଈ+ନାଳ=ନଈନାଳ
ଧନ+ସମ୍ପତ୍ତି=ଧନସମ୍ପତ୍ତି
ହାଟ+ବଜାର=ହାଟବଜାର

(୨) ବିପରୀତାର୍ଥବୋଧକ ଶବ୍ଦ ଯୋଗକରି—ଭଲ+ମନ୍ଦ=ଭଲମନ୍ଦ
ସୁଖ+ଦୁଃଖ=ସୁଖଦୁଃଖ
ସତ+ମିଛ=ସତମିଛ

(୩) ନିରର୍ଥକ ଶବ୍ଦ ଯୋଗକରି—ପଡ଼ି+ପରିବା=ପଡ଼ିପରିବା
ପିଲା+ପିଲି=ପିଲାପିଲି
ପାଠ+ଶାଠ=ପାଠଶାଠ

(୪) ଧ୍ୱନ୍ୟାତ୍ମକ ଶବ୍ଦ ପ୍ରୟୋଗ କରି—ଠୋଠୋ, ଚକ୍‌ଚକ୍, ପେଁପେଁ

କୌଣସି ଭାଷାର ଶବ୍ଦ-ଗଠନ ପଦ୍ଧତି ତଥା ରୂପତତ୍ତ୍ୱର ବିଶଦ ଆଲୋଚନା ପାଇଁ ବୃହତ୍ କ୍ଷେତ୍ରର ପ୍ରୟୋଜନ ଅଛି । ଏକ କ୍ଷୁଦ୍ର ପରିସର ଭିତରେ ଏହାର ଆଲୋଚନା କରିବା କଷ୍ଟସାଧ୍ୟ । ଏହି ପ୍ରବନ୍ଧରେ ଓଡ଼ିଆ ଭାଷାର ରୂପତତ୍ତ୍ୱର ବର୍ଣ୍ଣନା ଦେବା ବେଳେ ବର୍ଣ୍ଣନାରୁ ବହୁ ବିଷୟ ବାଦ ଦେବାକୁ ପଡ଼ିଛି । ତଥାପି ଏହି ଆଲୋଚନାରୁ ଓଡ଼ିଆ ରୂପତତ୍ତ୍ୱ ବିଷୟରେ ସଂକ୍ଷିପ୍ତ ଧାରଣା କରି ହେବ ।

**୭.୪ ୧ ଅନୁଶୀଳନୀ (ଗ) :**

ଉପରଲିଖିତ ପରିଚ୍ଛେଦଗୁଡ଼ିକରେ କୁହାଯାଇଥିବା ବିଷୟକୁ ବୁଝିପାରିଛନ୍ତି କି ନାହିଁ ଜାଣିବା ପାଇଁ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖନ୍ତୁ ।

୧. କୃତ୍ ପ୍ରତ୍ୟୟ କ'ଣ ? ଉଦାହରଣ ସହ ଲେଖନ୍ତୁ ।

୨. ତଦ୍ଧିତ ପଦ କିପରି ଗଠିତ ହୁଏ ?

୩. ସଂଯୁକ୍ତ ଶବ୍ଦ କହିଲେ କ'ଣ ବୁଝାଯାଏ ?

୪. ପ୍ରତ୍ୟେକ ସଂଯୁକ୍ତ ଶବ୍ଦରୁ ୨ଟି ଲେଖାଏଁ ଉଦାହରଣ ଦିଅନ୍ତୁ ।

୫. 'ଓଡ଼ିଆ ରୂପତତ୍ତ୍ୱ' ପଢ଼ି ଓଡ଼ିଆ ଭାଷାର ରୂପତତ୍ତ୍ୱ ବିଷୟରେ ବୁଝାଇ ଲେଖନ୍ତୁ ।

୬. ଓଡ଼ିଆ ଭାଷାରେ ଥିବା ପାଞ୍ଚ ପ୍ରକାର ପଦର ଗଠନ ବିଷୟରେ ଉଦାହରଣ ଦେଇ ଲେଖନ୍ତୁ ।

୭. ତଳେ ଦିଆଯାଇଥିବା ବାକ୍ୟଗୁଡ଼ିକୁ ପଢ଼ନ୍ତୁ । ମୂଳପାଠକୁ ଅନୁସରଣ କରି ସେଇ ବାକ୍ୟରେ କୁହାଯାଇଥିବା କଥାଟି ଠିକ ବା ଭୁଲ ଦେଖନ୍ତୁ । ଯଦି ଠିକ ତେବେ "ଠିକ" ଜାଗାରେ √ ଚିହ୍ନ ଏବଂ ଯଦି ଭୁଲ ତେବେ "ଭୁଲ" ଜାଗାରେ √ ଚିହ୍ନ ଦିଅନ୍ତୁ ।

(୧) ମଣିଷ କହୁଥିବା କଥାହିଁ ରୂପ ।

| √ | / | × |

(୨) ପ୍ରତ୍ୟେକ ଭାଷାର ଏକ ନିୟମିତ ରୂପ ଅଛି ।

| √ | / | × |

(୩) ଭାଷା ବିଜ୍ଞାନ ଅନୁସାରେ ଭାଷା ସୃଷ୍ଟିର ମୂଳ ହେଉଛି ବାକ୍ୟ ।

| √ | / | × |

(୪) ଭାଷାରେ ବ୍ୟବହୃତ ଧ୍ୱନିଗୁଡ଼ିକ ଅର୍ଥଶୂନ୍ୟ ।

| √ | / | × |

(୫) ଅର୍ଥପୂର୍ଣ୍ଣ ଶବ୍ଦାବଳୀର ଗଠନ ପଦ୍ଧତି ଆଲୋଚନାକୁ ଧ୍ୱନିତତ୍ତ୍ୱ କୁହାଯାଏ ।

| √ | / | × |

(୬) ସଂସ୍କୃତରୁ ସୃଷ୍ଟ ହୋଇଥିବା ରୂପାନ୍ତରିତ ଓଡ଼ିଆ ଶବ୍ଦକୁ ତତ୍ସମ ଶବ୍ଦ କହନ୍ତି ।

| √ | / | × |

(୭) ଶବ୍ଦର ଆରମ୍ଭରେ ପ୍ରତ୍ୟୟ ଯୋଗ କରିବାକୁ ପରସର୍ଗ କହନ୍ତି ।

| √ | / | × |

(୮) ଓଡ଼ିଆରେ ବଚନ ଦୁଇ ପ୍ରକାରର ।

| √ | / | × |

(୯) ସର୍ବନାମର ତିର୍ଯ୍ୟକ୍ ରୂପରେ ବିଭକ୍ତି ପ୍ରତ୍ୟୟ ଯୁକ୍ତ ହୁଏ ।

| √ | / | × |

(୧୦) ଦୁଇ ବା ତହିଁରୁ ଅଧିକ ଶବ୍ଦକୁ ଯୋଗକରି ଜଟିଳ ଶବ୍ଦ ରୂପ ହୁଏ ।

| √ | / | × |

୮. ମୂଳପାଠକୁ ଅବଲମ୍ବନ କରି ଶୂନ୍ୟସ୍ଥାନ ପୂରଣ କରନ୍ତୁ ।

(୧) ଧ୍ୱନିର ଆଲୋଚନାକୁ — କୁହାଯାଏ ।

(୨) ଶବ୍ଦର ଗଠନ ପଦ୍ଧତି ଆଲୋଚନାକୁ — କୁହାଯାଏ ।

(୩) ବାକ୍ୟର ଗଠନ ପଦ୍ଧତି ଆଲୋଚନାକୁ — କୁହାଯାଏ ।

(୪) ଦୁଇଟି ମୁକ୍ତ ରୂପ ସଂଯୋଗରେ — ରୂପ ହୁଏ ।

(୫) ଗୋଟିଏ ମୁକ୍ତ ରୂପରେ ଏକାଧିକ ବଦ୍ଧରୂପ ଯୁକ୍ତ ହେଲେ — ରୂପ ହୁଏ ।

(୬) ଯେଉଁ ସଂସ୍କୃତ ଶବ୍ଦ ଅବିକୃତ ଭାବରେ ଓଡ଼ିଆରେ ବ୍ୟବହୃତ ହୁଏ, ସେଗୁଡ଼ିକ — ଶବ୍ଦ ।

(୭) ସଂସ୍କୃତରୁ ଓଡ଼ିଆକୁ ପରିବର୍ତ୍ତିତ ରୂପରେ ଆସୁଥିବା ଶବ୍ଦଗୁଡ଼ିକ — ଶବ୍ଦ ।

(୮) ବିଦେଶୀ ଭାଷାରୁ ଓଡ଼ିଆକୁ ଆସିଥିବା ଶବ୍ଦଗୁଡ଼ିକ — ଶବ୍ଦ ।

(୯) ଓଡ଼ିଆରେ ବ୍ୟବହୃତ ପ୍ରତ୍ୟୟଗୁଡ଼ିକୁ ରୂପତତ୍ତ୍ୱରେ — କହନ୍ତି ।

(୧୦) ଶବ୍ଦ ଗଠନ ପାଇଁ ଶବ୍ଦ ସହିତ ପ୍ରତ୍ୟୟ ଯୁକ୍ତ ହେଲେ — ଶବ୍ଦ ତିଆରି ହୁଏ ।

୯. ନିମ୍ନଲିଖିତ ଶବ୍ଦଗୁଡ଼ିକୁ ବିଭାଜନ କରି ମୁକ୍ତରୂପ ଓ ବଦ୍ଧରୂପରେ ପରିଣତ କରନ୍ତୁ ।
ଆମଠାରୁ, ବୁଣାଳି, ଟଙ୍କାଏ, ଚଳନ୍ତା, ଲାଜକୁଳା, ଖେଳାଳି, ଧୂଆଁଟିଆ, ପାଉଁଶିଆ, ଟାଣୁଆ, ନାଲିଆ

୧୦. କ'ଣ ହେବ ଲେଖନ୍ତୁ—

ମେଳ+ଆ, କାନ୍ଦ୍+ଅଣା; ବର୍ଷକ+ଇଆ; ରବିବାର+ଇଆ; ଘର+ବାଲା; ନାଟ+ଉଆ; ଗୁଣ+ଆଳି; ପଢ଼୍+ଉଆ; ବମ୍+ଇଲା; ମୂର୍ଖ+ପଣ

୧୧. ଓଡ଼ିଆରେ ଚାରି ପ୍ରକାର ସଂଯୁକ୍ତ ଶବ୍ଦର ଗଠନ ରୂପ ଅଛି । ସେଗୁଡ଼ିକ ହେଲା, ୧) ସମ-ଅର୍ଥକ ୨) ବିପରୀତାର୍ଥକ ୩) ନିରର୍ଥକ ୪) ଧ୍ୱନ୍ୟାତ୍ମକ ନିମ୍ନରେ ଦିଆଯାଇଥିବା ଶବ୍ଦ-ଗୁଡ଼ିକ ଭିତରୁ କେଉଁଟି କେଉଁ ପ୍ରକାରର ଲେଖନ୍ତୁ ।

ଆଶାଭରସା, ଦିଆନିଆ, ବାସନକୁସନ, ଆଗପଛ, ଫର୍‌ଫର୍, ନାଆଁଗାଆଁ, ଥପ୍‌ଥପ୍, ଶାନ୍ତଶିଷ୍ଟ, ଘରଦ୍ୱାର, ଦିନରାତି, କୁଳୁକୁଳୁ, ସତମିଛ

୧୨. ନିମ୍ନଲିଖିତ ଶବ୍ଦଗୁଡ଼ିକରେ କେଉଁଟି ପୁଂଲିଙ୍ଗ ବାଚକ ଓ କେଉଁଟି ସ୍ତ୍ରୀଲିଙ୍ଗ ବାଚକ ଶବ୍ଦ ଅଲଗା କରି ଲେଖନ୍ତୁ ।

କୋକିଳା, ଟୋକା, ତନ୍ତୀ, କାଣୀ, ଭାଉଜ, ଆଈ, କବି, ନାରୀନେତ୍ରୀ, ଦିଅର, ଶଶୁର

## ୭.୫ ସାରାଂଶ

ଓଡ଼ିଆ ଭାଷାରେ ପ୍ରଚଳିତ ବ୍ୟାକରଣରେ ଭାଷାରେ ବ୍ୟବହୃତ ଶବ୍ଦର ଗଠନ ବିଷୟରେ ସାଧାରଣତଃ ସଂସ୍କୃତ ବ୍ୟାକରଣକୁ ଅନୁସରଣ କରି ଆଲୋଚନା କରାଯାଇଥାଏ । କିନ୍ତୁ ଆଧୁନିକ ଭାଷା ବିଜ୍ଞାନରେ ଶବ୍ଦର ଗଠନ ପଦ୍ଧତି ବା ରୂପର ଆଲୋଚନାକୁ ଏକ ନୂତନ ଦୃଷ୍ଟିଭଙ୍ଗୀ ନେଇ ବୈଜ୍ଞାନିକ ରୀତିରେ ବିଶ୍ଳେଷଣ କରିବାର ପ୍ରଚେଷ୍ଟା ଆଜିକାଲି ବିଭିନ୍ନ ଭାଷାରେ ହେଉଛି । ସେଇ ବିଜ୍ଞାନ ସମ୍ମତ ରୀତିକୁ ଅନୁସରଣ କରି ଓଡ଼ିଆ ଭାଷାର ଶବ୍ଦାବଳୀର ଗଠନ ରୂପକୁ ସଂକ୍ଷେପରେ ବିଶ୍ଳେଷଣ କରି ଦେଖାଇବା ପାଇଁ ଏହି "ଓଡ଼ିଆ ରୂପତତ୍ତ୍ୱ" ପ୍ରବନ୍ଧରେ ଉଦ୍ୟମ କରାଯାଇଛି । ରୂପତତ୍ତ୍ୱ ସମ୍ବନ୍ଧରେ ଏ ପ୍ରବନ୍ଧରେ ଆଲୋଚନା କରାଯିବା ସଙ୍ଗେ ସଙ୍ଗେ ରୂପତତ୍ତ୍ୱ କିପରି ଧ୍ୱନିତତ୍ତ୍ୱଠାରୁ ଓ ବାକ୍ୟତତ୍ତ୍ୱଠାରୁ ପୃଥକ ତାହା ସୂଚାଇ ଦିଆଯାଇଛି । ରୂପତତ୍ତ୍ୱର ବିଚାର ଅନୁସାରେ ମୁକ୍ତରୂପ ଓ ବଦ୍ଧରୂପ ଭେଦରେ ରୂପ ଦୁଇ ପ୍ରକାରର ଓ ଏ ଦୁଇ ପ୍ରକାର ରୂପର ସଂଯୋଗରେ କିପରି ଓଡ଼ିଆ ଶବ୍ଦ ଗଠିତ ହୁଏ ତାହାର ସୂଚନା ରହିଛି । ଏକାଧିକ ରୂପ ସଂଯୋଗରେ ସଂଯୁକ୍ତ ଶବ୍ଦ ଗଢ଼ାଯାଏ ଏବଂ ମୁକ୍ତରୂପ ଓ ଏକାଧିକ ବଦ୍ଧରୂପ ସଂଯୋଗରେ ଜଟିଳ ରୂପ ଗଢ଼ାଯାଏ । ସଂସ୍କୃତରୁ ସିଧାସଳଖ ଏବଂ ପରିବର୍ତ୍ତନ କ୍ରମରେ ତତ୍ସମ, ତଦ୍ଭବ ଶବ୍ଦ ଭାବରେ ଆସିଥିବା ଶବ୍ଦ ସମୂହ ବିଷୟରେ ଏଥିରେ ସୂଚନା ରହିଛି । ଏହାଛଡ଼ା ବ୍ୟାକରଣରେ ବ୍ୟବହୃତ ବିଭିନ୍ନ ପଦ ତଥା କ୍ରିୟାପଦର ଗଠନ ବିଷୟରେ ମଧ୍ୟ ଏ ପ୍ରବନ୍ଧରେ ଆଲୋ-ଚନା କରାଯାଇଛି । ପ୍ରଚଳିତ ବ୍ୟାକରଣରେ ଉପସର୍ଗ ଦ୍ୱାରା ଗଠିତ ଶବ୍ଦ, କୃଦନ୍ତ ଓ ତଦ୍ଧିତ ଶବ୍ଦ ଗଠନ ପାଇଁ ବ୍ୟବହୃତ ପ୍ରତ୍ୟୟ ତଥା ରୂପଗୁଡ଼ିକ ବିଷୟରେ ମଧ୍ୟ ଉଲ୍ଲେଖ ରହିଛି । ଓଡ଼ିଆରେ ସଂଯୁକ୍ତ ଶବ୍ଦ ଗଠନ ପାଇଁ ବିଭିନ୍ନ ଉପାୟରେ ଶବ୍ଦକୁ ସଂଯୋଗ କରିବା ପଦ୍ଧତି ବିଷୟରେ ମଧ୍ୟ ପ୍ରବନ୍ଧରେ ସୂଚନା ଦିଆଯାଇଛି ।

## ୭.୬ ଶବ୍ଦାର୍ଥ

ରୂପତତ୍ତ୍ୱ—ଶବ୍ଦର ଗଠନ ପଦ୍ଧତିର ଆଲୋଚନା

ଭାଷାବିଜ୍ଞାନ—ଭାଷାର ବୈଜ୍ଞାନିକ ପଦ୍ଧତିରେ ଆଲୋଚନା

ଧ୍ୱନିତତ୍ତ୍ୱ—ଭାଷାର ଧ୍ୱନିର ଆଲୋଚନା

ବାକ୍ୟତତ୍ତ୍ୱ—ବାକ୍ୟର ଗଠନ ପଦ୍ଧତିର ଆଲୋଚନା

ପୂର୍ବସର୍ଗ—ଶବ୍ଦର ଆରମ୍ଭରେ ଯେଉଁ ବଦ୍ଧରୂପ ଯୁକ୍ତ ହୁଏ

ପରସର୍ଗ—ଶବ୍ଦର ପରେ ଯେଉଁ ବଦ୍ଧରୂପ ଯୁକ୍ତ ହୁଏ

ସଂଯୋଜକ—ଯାହାଦ୍ୱାରା ଯୋଗ କରାଯାଏ

ବିଯୋଜକ—ଯାହାଦ୍ୱାରା ପୃଥକ କରାଯାଏ

ସମାପିକା—ବାକ୍ୟର କାର୍ଯ୍ୟ ସମ୍ପୂର୍ଣ୍ଣକାରୀ କ୍ରିୟା

ଅସମାପିକା—ବାକ୍ୟରେ ଅସମ୍ପୂର୍ଣ୍ଣ କାର୍ଯ୍ୟ ସୂଚାଉଥିବା କ୍ରିୟା

କାଳ—ବ୍ୟାକରଣିକ ସମୟ ବିଭାଗ, **tense**

ଅସମ୍ପନ୍ନ-ବର୍ତ୍ତମାନ-କାଳ—ଯେଉଁ କାଳରେ କାର୍ଯ୍ୟ ଶେଷ ନହୋଇ ଅନବରତ ହେଉଥିବାର ସୂଚନା ଥାଏ, **present continuous tense**

## ୭.୨ ପଠନ ଅଭ୍ୟାସ

ତଳେ ଦିଆଯାଇଥିବା ପରିଚ୍ଛେଦଟିକୁ ମନଯୋଗ ସହକାରେ ପଢି ପରିଚ୍ଛେଦ ତଳେ ଦିଆଯାଇଥିବା ପ୍ରଶ୍ନଗୁଡିକର ଉତ୍ତର ଦିଅନ୍ତୁ ।

ଭାଷା ବିଜ୍ଞାନ ଅନୁସାରେ ଭାଷା ସୃଷ୍ଟିର ମୂଳ ହେଉଛି ଧ୍ୱନି । ଧ୍ୱନିର ସମଷ୍ଟିରୁ ଅର୍ଥପୂର୍ଣ୍ଣ ଶବ୍ଦର ସୃଷ୍ଟି ଓ ଅର୍ଥପୂର୍ଣ୍ଣ ଶବ୍ଦର ସମଷ୍ଟିରୁ ଏକ ପୂର୍ଣ୍ଣ ଭାବପ୍ରକାଶ କରୁଥିବା ବାକ୍ୟର ସୃଷ୍ଟି । ଭାଷାରେ ବିଭିନ୍ନ ପ୍ରକାରର ଧ୍ୱନି ଅଛି, କିନ୍ତୁ ଏ ଧ୍ୱନିଗୁଡିକର ପ୍ରତ୍ୟେକର ନିଜସ୍ୱ କୌଣସି ଅର୍ଥ ନାହିଁ, ଏଗୁଡିକ ଅର୍ଥଶୂନ୍ୟ । କିନ୍ତୁ କୌଣସି ଏକ ଧ୍ୱନି ଅନ୍ୟ ଏକ ଧ୍ୱନି ବା ଏକାଧିକ ଧ୍ୱନିର ସଂଯୋଗରେ ଏକ ଅର୍ଥ ପ୍ରକାଶ କଲେ ତାହା ଶବ୍ଦରେ ପରିଣତ ହୁଏ । ଏକ ବା ଏକାଧିକ ଅର୍ଥପୂର୍ଣ୍ଣ ଶବ୍ଦର ସଂଯୋଗରେ ଏବଂ ସେଇ ଶବ୍ଦଗୁଡିକର ପାରସ୍ପରିକ ସମ୍ପର୍କ ଜରିଆରେ ଏକ ମନୋଭାବ ପ୍ରକାଶ ପାଇଲେ, ସେଇ ମନୋଭାବ ପ୍ରକାଶ କରୁଥିବା ଅର୍ଥପୂର୍ଣ୍ଣ ଶବ୍ଦ ସଂଯୋଗକୁ ବାକ୍ୟ କୁହାଯାଏ । ଅର୍ଥାତ ଆଧୁନିକ ଭାଷା ବିଜ୍ଞାନ ଅନୁସାରେ ମୁଖରୁ ନିର୍ଗତ ହେଉଥିବା ପ୍ରତ୍ୟେକ ସ୍ପଷ୍ଟ ଓ ଅସ୍ପଷ୍ଟ ଧ୍ୱନିର ଆଲୋଚନାକୁ ଧ୍ୱନିତତ୍ତ୍ୱ; ଧ୍ୱନିର ସମଷ୍ଟିରୁ ଅର୍ଥପୂର୍ଣ୍ଣ ଶବ୍ଦ ସୃଷ୍ଟି ହେବା ପରେ ସେଇ ଅର୍ଥପୂର୍ଣ୍ଣ ଶବ୍ଦାବଳୀର ଗଠନ ପଦ୍ଧତି ଆଲୋଚନାକୁ ରୂପତତ୍ତ୍ୱ ଏବଂ ଶବ୍ଦ ସଂଯୋଗ ଓ ଶବ୍ଦ ସମ୍ପର୍କ ଜରିଆରେ ଏକ ମନୋଭାବ ପ୍ରକାଶ କରୁଥିବା ବାକ୍ୟର ଗଠନ ପଦ୍ଧତି ଆଲୋଚନାକୁ ବାକ୍ୟତତ୍ତ୍ୱ କୁହାଯାଏ ।

**ପ୍ରଶ୍ନ (କ)** : ୧. ଭାଷା ସୃଷ୍ଟିର ମୂଳ ଧ୍ୱନି ନା ଶବ୍ଦ ?

୨. ଅର୍ଥପୂର୍ଣ୍ଣ ଶବ୍ଦ କିପରି ସୃଷ୍ଟି ହୁଏ ?

୩. ଅର୍ଥପୂର୍ଣ୍ଣ ଶବ୍ଦର ସମଷ୍ଟିରୁ କ'ଣ ସୃଷ୍ଟି ହୁଏ ?

୪. ଧ୍ୱନିତତ୍ତ୍ୱ କ'ଣ ?

୫. ରୂପତତ୍ତ୍ୱରେ କ'ଣ ଆଲୋଚନା କରାଯାଏ ?

**(ଖ)** : "ରୂପତତ୍ତ୍ୱ" କ'ଣ, ଏ ବିଷୟରେ ଯେଉଁ ପରିଚ୍ଛେଦରେ ବର୍ଣ୍ଣନା କରାଯାଇଛି ସେ ପରିଚ୍ଛେଦଟିକୁ ଆଉଥରେ ଭଲକରି ପଢି ପରିଚ୍ଛେଦଟି ଉପରେ ନିଜର ମନ୍ତବ୍ୟ ଦିଅନ୍ତୁ ।

**ପ୍ରଶ୍ନ (ଗ)** : ମୁକ୍ତରୂପ ଓ ବଦ୍ଧରୂପର ବର୍ଣ୍ଣନା ଦିଆଯାଇଥିବା ପରିଚ୍ଛେଦଟିକୁ ପଢି ମୁକ୍ତରୂପ ଓ ବଦ୍ଧରୂପ ବିଷୟରେ ସଂକ୍ଷେପରେ ବର୍ଣ୍ଣନା କରନ୍ତୁ ।

### ୭.୨.୧ ଲିଖନ ଅଭ୍ୟାସ

(କ) ନିମ୍ନଲିଖିତ ପରିଚ୍ଛେଦଟିର ରେଖାଙ୍କିତ ସ୍ଥାନମାନଙ୍କରେ ଭୁଲ ଅଛି । ରେଖାଙ୍କିତ ସ୍ଥାନର ଭୁଲଗୁଡ଼ିକୁ ଠିକ କରି ପରିଚ୍ଛେଦଟିକୁ ନିର୍ଭୁଲ ଭାବରେ ଲେଖନ୍ତୁ ।

କୌଣସି ମୁକ୍ତରୂପ ଏକାଧିକ ବଦ୍ଧରୂପ ସଂଯୋଗକୁ ଗଠିତ ହୋଇ ତାକୁ ରୂପତତ୍ତ୍ୱର ନିୟମ ଅନୁସାରେ ଜଟିଳ ଶବ୍ଦରୂପ କୁହାଗଲା । ଏଣୁ "ଯାଉଛି" ଏକ ଜଟିଳ ଶବ୍ଦରୂପ । କୌଣସି ମୁକ୍ତରୂ ଅନ୍ୟ ଏକ ବା ଏକାଧିକ ମୁକ୍ତରୂପ ସହିତ ଯୋଗ ହୋଇ ଏକ ନୂଆ ରୂପ ଓ ନୂଆ ଅର୍ଥ ପ୍ରକାଶ କରି ତାକୁ ସଂଯୁକ୍ତ ଶବ୍ଦ ରୂପ କହିଲେ । ସଂଯୁକ୍ତ ଶବ୍ଦ ରୂପରୁ ଉଦାହରଣ ସ୍ୱରୂପ "ଆଜିକାଲି", "ଚିଠିପତ୍ର", "ନାଲିଜାମା", "କଳାଫୁଲ" ପ୍ରଭୃତି ଶବ୍ଦରେ ଉଲ୍ଲେଖ କରାଯାଇ ପାରିଲା । ଭାଷାରେ ବ୍ୟବହୃ ପ୍ରତ୍ୟେକ ଶବ୍ଦ ତଥା ପଦକୁ ଗଠନ ବା ରୂପକୁ ରୂପତତ୍ତ୍ୱର ନିୟମ ଅନୁସାରେ ଉପରୋକ୍ତ ମତେ ବିଶ୍ଳେଷଣ କରୁ ବର୍ଣ୍ଣନା କରାଯାଇପାରେ ।

(ଖ) ପ୍ରବନ୍ଧରେ ବ୍ୟବହୃତ କେତୋଟି ଶବ୍ଦ ତଳେ ଦିଆଯାଇଛି । ପ୍ରତ୍ୟେକ ଶବ୍ଦ ସହିତ ଦୁଇ କରି ଶବ୍ଦ ବନ୍ଧନୀ ମଧ୍ୟରେ ଦିଆଯାଇଛି । ଦିଆଯାଇଥିବା ଶବ୍ଦ ଦୁଇଟି ଭିତରୁ ଯେ ଶବ୍ଦଟି ପ୍ରବନ୍ଧରେ ବ୍ୟବହୃତ ଶବ୍ଦର ଅର୍ଥର ବିପରୀତ ସେଥିରେ √ ଚିହ୍ନ ଦିଅନ୍ତୁ ।

୧) ନ୍ୟୂନତମ — କ୍ଷୁଦ୍ରତମ, ଅଧିକତମ

୨) ପରିବର୍ତ୍ତନୀୟ — ଅପରିବର୍ତ୍ତନୀୟ, ପରିବର୍ତ୍ତନଶୂନ୍ୟ

୩) ଅର୍ଥପୂର୍ଣ୍ଣ — ଅନର୍ଥକ, ଅର୍ଥଶୂନ୍ୟ

୪) ବିଭିନ୍ନ — ଅଭିନ୍ନ, ଭିନ୍ନ ଭିନ୍ନ

୫) ଅବିକୃତ — ଅବିକଳ, ବିକୃତ

(ଗ) ମୂଳପାଠର ପ୍ରଥମ ପରିଚ୍ଛେଦକୁ ପଢ଼ି ସଂକ୍ଷେପରେ ଲେଖନ୍ତୁ ।

(ଘ) ସଂକ୍ଷିପ୍ତ ଟିପ୍ପଣୀ ଲେଖନ୍ତୁ—
ପଦ, ଶବ୍ଦ, ଧ୍ୱନି, ବାକ୍ୟ, ରୂପ

## ୨.୮ ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀର ଉତ୍ତର–

**ଅନୁଶୀଳନୀ (କ) :**

୧. ଭାଷା ସାହାଯ୍ୟରେ ମଣିଷ ନିଜର ସମସ୍ତ ଆବଶ୍ୟକ ଭାବ ପ୍ରକାଶ କରିବାକୁ ସମର୍ଥ ହୁଏ ।

୨. ପ୍ରତ୍ୟେକ ଭାଷାର ଏକ ନିଜସ୍ୱ ଶୃଙ୍ଖଳା ଓ ଏକ ନିୟମିତ ଗଠନ ବା ରୂପ ଅଛି ।

୩. ଭାଷା ଆଲୋଚନାର ଦୁଇଟି ମୁଖ୍ୟ ଅଂଶ ହେଲା, ଭାଷାର ଧ୍ୱନିର ଆଲୋଚନା ଓ ଭାଷାର ବ୍ୟାକରଣର ଆଲୋଚନା ।

୪. ଭାଷା ସୃଷ୍ଟିର ମୂଳ ହେଉଛି ଧ୍ୱନି ।

୫. ଧ୍ୱନି ସମଷ୍ଟିରୁ ଅର୍ଥପୂର୍ଣ୍ଣ ଶବ୍ଦ ଗଠିତ ହୁଏ ।

୬. ଅର୍ଥପୂର୍ଣ୍ଣ ଶବ୍ଦ ସଂଯୋଗ ଦ୍ୱାରା ବାକ୍ୟ ତିଆରି ହୁଏ ।

୭. ଯେଉଁ ପଦ୍ଧତିରେ ଭାଷାର ଶବ୍ଦର ଗଠନର ଆଲୋଚନା କରଯାଏ ତାକୁ ରୂପତତ୍ତ୍ୱ କହନ୍ତି ।

୮. ଯେଉଁ ପଦ୍ଧତିରେ ଭାଷାର ଧ୍ୱନିର ଆଲୋଚନା କରଯାଏ ତାକୁ ଧ୍ୱନିତତ୍ତ୍ୱ କୁହାଯାଏ ।

୯. ଯେଉଁ ପଦ୍ଧତିରେ ବାକ୍ୟର ଗଠନ ପଦ୍ଧତି ଆଲୋଚନା କରଯାଏ ତାକୁ ବାକ୍ୟତତ୍ତ୍ୱ କୁହାଯାଏ ।

୧୦. ଏକ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ନେଇ ଭାଷାର ଆଲୋଚନା କରଯାଏ ବୋଲି ଭାଷା ଆଲୋଚନାକୁ ଭାଷା ବିଜ୍ଞାନ କୁହାଯାଏ ।

୧୧. ଏକ ଅର୍ଥପୂର୍ଣ୍ଣ ଶବ୍ଦର ଗଠନରେ ବ୍ୟବହୃତ ହୋଇଥିବା ଶବ୍ଦର ବିଭିନ୍ନ ଅଂଶକୁ ରୂପ କୁହାଯାଏ ।

୧୨. ଶବ୍ଦର ଯେଉଁ ନ୍ୟୂନତମ ଅଂଶ ଅର୍ଥ ପ୍ରକାଶ କରେ ତାହାକୁ ମୁକ୍ତରୂପ କହନ୍ତି ।

୧୩. ଶବ୍ଦର ଯେଉଁ ନ୍ୟୂନତମ ଅଂଶ ମୁକ୍ତରୂପ ସହିତ ଶବ୍ଦ ଗଠନରେ ସାହାଯ୍ୟ କରେ ଏବଂ ମୁକ୍ତରୂପ ସହିତ ଯୁକ୍ତ ହେବା ପରେ ଅର୍ଥ ପ୍ରକାଶ କରେ ତାହାକୁ ବଦ୍ଧରୂପ କହନ୍ତି ।

୧୪. ନିଦ+ଉଆ (୨ଟି ରୂପ)
କାଳି+ଆ (୨ଟି ରୂପ)

୧୫. ଲେଖୁଛି=ଲେଖ୍+ଉ+ଅଛ୍+ଇ
ଆସୁଛି=ଆସ୍+ଉ+ଅଛ୍+ଇ

**ଅନୁଶୀଳନୀ (ଗ) :**

୭. (୧) ଭୁଲ (୨) ଠିକ (୩) ଭୁଲ (୪) ଠିକ (୫) ଭୁଲ (୬) ଭୁଲ (୭) ଭୁଲ (୮) ଠିକ (୯) ଠିକ (୧୦) ଭୁଲ

୮. (୧) ଧ୍ୱନିତତ୍ତ୍ୱ (୨) ରୂପତତ୍ତ୍ୱ (୩) ବାକ୍ୟତତ୍ତ୍ୱ (୪) ସଂଯୁକ୍ତ (୫) ଜଟିଳ (୬) ତତ୍ସମ (୭) ତଦ୍ଭବ (୮) ବୈଦେଶିକ (୯) ବଦ୍ଧରୂପ (୧୦) ତଦ୍ଧିତ

୯.

| ମୁକ୍ତରୂପ | ବଦ୍ଧରୂପ |
|---|---|
| ଆମ | ଠାରୁ |
| ବୁଣ୍ | ଆଳି |

| | |
|---|---|
| ଟଙ୍କା | ଏ |
| ଚଲ୍ | ଅନ୍ତା |
| ଲାଜ | କୁଳା |
| ଖେଳ | ଆଳି |
| ଧୂଆଁ | ଟିଆ |
| ପାଉଁଶ | ଇଆ |
| ଟାଣ | ଉଆ |
| ନାଲ | ଇଆ |

୧୦. ମେଳା; କାନ୍ଦଣା; ବର୍ଷିକିଆ; ରବିବାରିଆ; ଘରବାଲା, ନାଟୁଆ; ଗୁଣାଳି; ପଢୁଆ; ବସିଲା; ମୂର୍ଖପଣ

୧୧. ସମ ଅର୍ଥକ—ଆଶାଭରସା, ନାଆଁଗାଆଁ, ଶାନ୍ତଶିଷ୍ଟ, ଘରଦ୍ୱାର

ବିପରୀତାର୍ଥକ—ଦିଆନିଆ, ଆଗପଛ, ଘଟମିଛ,ଦିନରାତି

ନିରର୍ଥକ—ବାସନକୁସନ, ଘରଫର

ଧ୍ୱନ୍ୟାତ୍ମକ—ଫର୍‌ଫର୍, ଥପ୍‌ଥପ୍

୧୨.

| ପୁଂଲିଙ୍ଗ ବାଚକ | ସ୍ତ୍ରୀଲିଙ୍ଗ ବାଚକ |
|---|---|
| ଟୋକା | କୋକିଳା |
| ତନ୍ତୀ | କାଣୀ |
| କବି | ଭଉଜ |
| ଦିଅର | ଆଈ |
| ଶଶୁର | ନାରୀନେତ୍ରୀ |

## ୨.୯ ଉତ୍ତର ପ୍ରଦାନ ପାଇଁ ପ୍ରଶ୍ନାବଳୀ

୧. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖନ୍ତୁ ।

(କ) 'ଓଡ଼ିଆ ରୂପତତ୍ତ୍ୱ' ପ୍ରବନ୍ଧ ପଢ଼ି ଆପଣ କ'ଣ ଶିଖିଲେ ? ୪୦୦ ଶବ୍ଦ ମଧ୍ୟରେ ଲେଖନ୍ତୁ ।

(ଖ) ମୂଳପାଠର ସାରାଂଶ ସଂକ୍ଷେପରେ ଲେଖନ୍ତୁ ।

(ଗ) ଭାଷାର ଗଠନମୂଳକ ନିୟମ ନଥିଲେ ଭାଷା କହୁଥିବା ଲୋକଙ୍କର କି କି ଅସୁବିଧା ହୁଅନ୍ତା ନିଜ ସାଧାରଣଜ୍ଞାନ ପ୍ରୟୋଗ କରି ଆଲୋଚନା କରନ୍ତୁ । (୨୦୦ ଶବ୍ଦ ମଧ୍ୟରେ)

୨. ନିମ୍ନଲିଖିତ ଶବ୍ଦଗୁଡ଼ିକୁ ଯୋଗକରି ବାକ୍ୟରେ ବ୍ୟବହାର କରନ୍ତୁ ।

କର୍+ଆ; ବସ୍+ଆ; ବୁଣ୍+ଆଳି, ଖଣ୍ଡ+ଟିଆ; ମାସ+ଇଆ

୩. କେଉଁଟି କି ପ୍ରକାରର ସଂଯୁକ୍ତ ଶବ୍ଦ ବାଛନ୍ତୁ ।

କାଳିକଲମ, ଭିତରବାହାର, ପାଠଶାଠ, ବକ୍‌ବକ୍, କିଟିମିଟିଆ, ଡାଡ଼ିଘୋଡ଼ା, ଛେଳି-ଫେଳି, ଲାଭକ୍ଷତି, ରୀତିନୀତି, ଖୁଁଖୁଁ

୪. ବିଭାଜନ କରନ୍ତୁ ।

ଟେକୁଛି, ଆସିଲା, ଦେଖିଲା, ବସିବ, ଧରିଛି, ପଢ଼ିଛି

୫. ମୁକ୍ତରୂପ ଓ ବଦ୍ଧରୂପରେ ପରିଣତ କରନ୍ତୁ ।

ପିଲାଏ, ପଢ଼ାଳି, ଟାଣୁଆ, ପାଠୁଆ, ତନ୍ତିଆଣୀ

୬. ସଂକ୍ଷିପ୍ତ ଟିପ୍‌ପଣୀ ଲେଖନ୍ତୁ ।

ବଦ୍ଧରୂପ, ଅବ୍ୟୟ, ସର୍ବନାମ, ଶବ୍ଦ, ବଚନ

୭. ନିମ୍ନଲିଖିତ ବିଭାଜନଗୁଡ଼ିକ ଯୋଗକରି ଶବ୍ଦଟି ଲେଖନ୍ତୁ ।

କର୍+ଇଲ୍+ଆ; ପଢ୍+ଇବ୍+ଅ; ଉଠ୍+ଉ+ଅଛ୍+ଇ; ଲେଖ୍+ଇ+ଅଛ୍+ଏ; ଆସ୍+ଉ+ଅଛ୍+ଏ

୮. ନିମ୍ନଲିଖିତ କ୍ରିୟାପଦଗୁଡ଼ିକର ବିଭଜନକୁ ଲକ୍ଷ୍ୟ କରି ସେଗୁଡ଼ିକର ବିଭଜନ ଠିକ ଅଛି କି ନାହିଁ ଦେଖନ୍ତୁ । ବିଭଜନଟି ଠିକ ଥିଲେ କ୍ରିୟାପଦରେ ✓ ଚିହ୍ନ ଓ ଭୁଲ ଥିଲେ ✗ ଚିହ୍ନ ଦିଅନ୍ତୁ ।

ଯାଉଛି—ଯା+ଉ+ଅଛ୍+ଇ

ଦେଖୁଛି—ଦେଖ୍+ଇ+ଅଛ୍+ଇ

ଆସିଛି—ଆସ୍+ଉ+ଅଛ୍+ଉ

ଆଣିଛେ—ଆଣ୍+ଇ+ଅଛ୍+ଏ

ରହିଛୁ—ରହ୍+ଇ+ଅଛ୍+ଉ

ହସୁଛ—ହସ୍+ଉ+ଅଛ୍+ଅ

ବସିଛ—ବସ୍+ଇ+ଅଛି

୯. ନିମ୍ନରେ ଦିଆଯାଇଥିବା ଶବ୍ଦଗୁଡ଼ିକରେ ରେଖାଙ୍କିତ ଅଂଶଗୁଡ଼ିକ କି ପ୍ରତ୍ୟୟ ଲେଖନ୍ତୁ ।

ପିଲାଟିଏ, ସବୁ ବିଷୟ, ଛାତ୍ରଟି, ଖଣ୍ଡେ ଚିଠି, ଟୋକାଟା, ଗୁଡ଼ାଏ କୋଳି, ଅନେକ କଥା

୧୦. ନିମ୍ନଲିଖିତ ଶବ୍ଦରେ ବ୍ୟବହୃତ ଉପସର୍ଗଗୁଡ଼ିକୁ ରେଖାଙ୍କିତ କରନ୍ତୁ ।

ଅପକାର, ପରିବର୍ତ୍ତନ, ସୁଯୋଗ, ଉପକୃତ, ପ୍ରଦାନ, ପରାକ୍ରମ, ଅଧିକାର, ପ୍ରତିଦିନ, ଅନୁଶୋଚନା, ଆଦାନ

୧୧. (କ) ଆଣୀ, ଉଣୀ, ଆ, ଆଳି, ଇଲା, ପ୍ରତ୍ୟେକ ପ୍ରତ୍ୟୟକୁ ବ୍ୟବହାର କରି ପ୍ରତ୍ୟେକରୁ ୨ଟି ଲେଖାଏଁ ଶବ୍ଦ ଗଠନ କରନ୍ତୁ ।

(ଖ) ବାଲା, ଡିଆ, ଉଆ, ଉର, ଇଆ ପ୍ରତ୍ୟୟ ଯୋଗ କରି ପ୍ରତ୍ୟେକରୁ ୨ଟି ଲେଖାଏଁ ଶବ୍ଦ ଗଠନ କରନ୍ତୁ ।